www.youtube.com/@rajdhanireporter
https://www.facebook.com/RajdhanireporterOfficial

RAJDHANI Reporter

"ଆପଣଙ୍କ ଭରଷା,
ଆମର ଆଶା"

Odia Weekly

# ରାଜଧାନୀ ରିପୋର୍ଟର
RAJDHANI Reporter

RNI/PRGI Regd. No.- ORORI/25/A3650

Rajdhani Reporter
UPI ID: reporterrajdhani-1@okaxis
Scan to pay with any UPI app

Vol. 01 | Issue -25 | ଭାଗ-୦୧ | ସଂଖ୍ୟା-୨୫ | Bhbaneswar 01-07 June, 2026 | Rs. 5.00 | Pages - 08 | ଭୁବନେଶ୍ୱର | ୦୧-୦୭ ଜୁନ, ୨୦୨୬ | ମୂଲ୍ୟ ୫.୦୦ ଟଙ୍କା | ପୃଷ୍ଠା-୦୮


## ବଢ଼ିଲା ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା

# ପ୍ରବଳ ଲବି, ଆଶାୟୀଙ୍କ ମନରେ ଲଡୁ

ଭୁବନେଶ୍ୱର,(ରା.ରି): ଯାହା ପ୍ରଦର୍ଶନ ଭଲ, ସିଏ ରହିବେ । ଯିଏ ଦୁର୍ବଳ, ହଟିବା ଥୟ । ଆନୁଗତ୍ୟ ହେଉଛି ଦ୍ୱିତୀୟ ପ୍ରମୁଖ ମାନଦଣ୍ଡ । ସରକାରଙ୍କ ଭାବମୂର୍ତ୍ତିକୁ ଆଞ୍ଚ୍ ପହଞ୍ଚାଉଥିବା ନେତାଙ୍କ ସ୍ଥାନ ନାହିଁ ମୋହନ ମନ୍ତ୍ରିମଣ୍ଡଳରେ । ଏମିତି କଠୋର ନୀତି ଧରି ମନ୍ତ୍ରୀମାନଙ୍କର ଦକ୍ଷତା ମୂଲ୍ୟାୟନ କରୁଛନ୍ତି ମୋହନ ସରକାର । ଏଭଳି ଚର୍ଚ୍ଚା ଜୋର୍ ଧରିଲାଣି ପାୱାର୍ କରିଡର୍‌ରେ । କୁହାଯାଉଛି, ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ପରେ ଜୁନ୍ ତୃତୀୟ ସପ୍ତାହ ବେଳକୁ ହୋଇପାରେ ମୋହନ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ଅଦଳବଦଳ । ଏ ନେଇ ଆସନ୍ତା ଜୁନ୍ ୨ରୁ ମନ୍ତ୍ରୀମାନଙ୍କର ଦକ୍ଷତାର ସିଧା ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିଭାଗୱାରୀ ସମୀକ୍ଷା କରାଯିବ ।

ଅତି ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ନିଜ ଇଚ୍ଛା ମୁତାବକ ମନ୍ତ୍ରୀ ବାଛିବା ଓ ହଟାଇବା ଲାଗି ମୋହନଙ୍କୁ ଉପର ମହଲରୁ ପୂର୍ଣ୍ଣ ସ୍ୱାଧୀନତା ମିଳିଯାଇଛି । ଅତି କମ୍‌ରେ ୬ ଜଣଙ୍କ ଦକ୍ଷତା ଓ ଏବଂ ଆନୁଗତ୍ୟ ଉପରେ ମୋହନ ଖୁସି ନାହାନ୍ତି । ଏଣୁ ଏମାନଙ୍କ ମୁଣ୍ଡ ଉପରେ ଖଣ୍ଡା ଝୁଲୁଛି । ଆଉ ୬ଟି ମନ୍ତ୍ରିପଦ ଫାଙ୍କା ପଡ଼ିଛି । ଏହାର ଅର୍ଥ ହେଉଛି ୧୨ଟି ମନ୍ତ୍ରି ପଦ । କାହା ମୁଣ୍ଡରେ ଢଳିବ ମୋହନ କଳସ? ଆଶାୟୀ ଲବି ତେଜିଛନ୍ତି । ଯେଉଁ ଜିଲ୍ଲାରୁ କେହି ମନ୍ତ୍ରୀ ନାହାନ୍ତି, ସେଥିରୁ କେତେକଙ୍କ ମନରେ ମନ୍ତ୍ରୀ ପଦ ଲଡୁ ଆଶା ବଢ଼ିଛି । ଅନେକ ବଡ଼ ନେତାଙ୍କ ଚକ୍କର କାଟିବାରେ ଲାଗିଛନ୍ତି । କିଏ ମୁଖ୍ୟମନ୍ତ୍ରୀଙ୍କ ଆଖପାଖ ଭାବେ ଜଣାଶୁଣା ନେତାଙ୍କୁ ଖୁସ୍ କରାଇ ନିଜ ଯୋଗ୍ୟତା ପ୍ରତିପାଦିତ କରିବାକୁ ଉଦ୍ୟମ କରୁଛି ତ ଆଉ କିଏ ରାଜ୍ୟ ସଭାପତିଙ୍କ ମନ ଜିଣିବାକୁ ପ୍ରାଣପଣେ ଚେଷ୍ଟା ଚଳାଇଛନ୍ତି । ଆଉ କିଏ ସଂଘ ଶରଣ ପଶୁଛନ୍ତି । କିଛି କିଛି ନେତା ସୋସିଆଲ ମିଡିଆରେ ନିଜ ସମର୍ଥକଙ୍କ ମାଧ୍ୟମରେ ଚର୍ଚ୍ଚା ଖେଳାଇବାରେ ଲାଗି ପଡ଼ିଛନ୍ତି । କିନ୍ତୁ, ମୋହନ ସରକାର ପୂରା ମାପିଚୁପି ପରଖୁଛନ୍ତି ଯୋଗ୍ୟତା ।

ଯୋଗ୍ୟତା, ଦକ୍ଷତା ମୂଲ୍ୟାୟନ ପାଇଁ ୧୬ ପୃଷ୍ଠାର ଫର୍ମାଟରେ ନିଜ ବିଭାଗର ୨ବର୍ଷର ସଫଳତା, ଉପଲବ୍ଧି ଉପସ୍ଥାପନ କରିବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛ । ପ୍ରଥମ ଦନି ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବିଭାଗର କାର୍ଯ୍ୟକାରିତା ଓ ଦକ୍ଷତାର ସମୀକ୍ଷା କରାଯିବ । ଜୁନ୍ ୯ ତାରିଖ ମଧ୍ୟରେ



ସମସ୍ତ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବିଭାଗର ମନ୍ତ୍ରୀ ସରକାରଙ୍କ ସଫଳତା ରାଜ୍ୟବାସୀଙ୍କ ଆଗରେ ରଖିବେ । ରାଜ୍ୟ ବିଜେପି ସରକାରଙ୍କୁ କାର୍ଯ୍ୟକାଳକୁ ଆସନ୍ତା ଜୁନ୍ ୧୨ ତାରିଖରେ ୨ ବର୍ଷ ପୂରିବ । ବର୍ଷ ପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ରାଜ୍ୟବାସୀଙ୍କ ଆଗରେ ଦୁଇ ବର୍ଷର ଉପଲବ୍ଧି ଉପସ୍ଥାପନ କରପାରନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିଧାନସଭାରେ ମନ୍ତ୍ରୀଙ୍କ ପ୍ରଦର୍ଶନ କିଭଳି ଥିଲା, ତା'ର ତଥ୍ୟ ମଗାଯାଇଛି । ମନ୍ତ୍ରୀ ପ୍ରଶ୍ନର କିଭଳି ଉତ୍ତର ରଖିଛନ୍ତି, କେତେ ଦକ୍ଷତାର ସହ ବିରୋଧୀଙ୍କୁ ସାମ୍ନା କରିଛନ୍ତି, ସବୁ ପରଖୁଛନ୍ତି ମୁଖ୍ୟମନ୍ତ୍ରୀ । ଲୋକଙ୍କ ସମସ୍ୟା, ଅଭିଯୋଗ ଶୁଣାଣି ଓ ସମାଧାନ ଦିଗରେ ନିଆଯାଉଥିବା ପଦକ୍ଷେପକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି ।

ଜନଶୁଣାଣି ପୋର୍ଟାଲ, ପ୍ରତ୍ୟକ୍ଷ ଶୁଣାଣି ଓ ସୋସିଆଲ ମିଡିଆ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ କେତେ ପ୍ରତିଶତ ଅଭିଯୋଗର ସମାଧାନ କେତେ ଦିନରେ ହୋଇଛି? କେତେ ମାମଲା ଗଡୁଛି, ସବୁର ହିସାବ ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ ରଖିବେ ମନ୍ତ୍ରୀ । ପ୍ରଶାସନିକ ନୀତିଗତ ଫାଇଲ ଚୂଡ଼ାନ୍ତ କରିବାକୁ ମନ୍ତ୍ରୀ କେତେ ସମୟ ନେଉଛନ୍ତି, ତା'ର ତଥ୍ୟ ବି ଦେବେ ମନ୍ତ୍ରୀ । ମନ୍ତ୍ରୀମାନେ ନିଜ ସ୍ତରରେ କରିଥିବା ସ୍ୱତନ୍ତ୍ର ମନିଟରିଂ ଓ ମୂଲ୍ୟାଙ୍କନ ସହ ଜିଲ୍ଲା ଗସ୍ତର ସୁଫଳ ବାବଦ ତଥ୍ୟ ଦେବେ । ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି, ପ୍ରଶାସନରେ ଡିଜିଟାଲ ସଂସ୍କାର, ସ୍ୱଚ୍ଛ ଶାସନ ପାଇଁ ନିଆଯାଇଥିବା ନୂଆ ପଦକ୍ଷେପର ମଧ୍ୟ ସମୀକ୍ଷା କରାଯିବ । ନିର୍ବାଚନ ପ୍ରତିଶ୍ରୁତି ପୂରଣରେ କେତେ ସଫଳତା ବିଭାଗ ହାସଲ କରିଛି, ତାହା ମଧ୍ୟ ଅନ୍ୟ ଏକ ମାନଦଣ୍ଡ ରଖାଯାଇଛି । ୨୦୩୬ ଓ ୨୦୪୭ ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ ହାସଲ ପାଇଁ ଆଗାମୀ ୩ ବର୍ଷର ରୋଡମ୍ୟାପ୍, ଆଗାମୀ ୧୨ ମାସ ପାଇଁ ବିଭାଗର ୧୦ ପ୍ରାଥମିକତା ଓ ଗତ ଦୁଇ ବର୍ଷର ଶାସନରେ ସବୁଠାରୁ ବଡ଼ ଉପଲବ୍ଧି ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଦେବେ । ମହିଳା, ଚାଷୀ ଓ ଯୁବପିଢ଼ିଙ୍କ କ୍ଷେତ୍ରରେ ବିଭାଗ ଆଣିଥିବା ରୂପାନ୍ତରଣ ବାବଦରେ ସଫଳ କାହାଣୀ ଉପସ୍ଥାପନ କରିବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଦ୍ୱିତୀୟ ବର୍ଷ ପୂର୍ତ୍ତିରେ ଦୁଇଟି ବଡ଼ ଯୋଜନା ଘୋଷଣା ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ରା.ରି): ଜୁନ୍ ୧୨ରେ ବିଜେପି ସରକାରକୁ ଦୁଇ ବର୍ଷ ପୂରିବାକୁ ଯାଉଥିବାବେଳେ ଏହି ଉପଲକ୍ଷେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇ ଏକ ଜନସଭାକୁ ସମ୍ବୋଧନ କରିବେ। ଏହାସହ ବିକଶିତ ଓଡ଼ିଶା-ବିକଶିତ ଭାରତ ଲକ୍ଷ୍ୟ ପାଇଁ ରାଜ୍ୟ ସରକାରଙ୍କୁ ମାର୍ଗଦର୍ଶନ ଦେବେ । ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ କରିଛନ୍ତି।



ଏବିଭିପିର 'ନାଗରିକ ଅଭିନନ୍ଦନ ସମାରୋହ' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେ ଗତ ୪ଦିନ ତଳେ ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ। ଓଡ଼ିଶା ସରକାରଙ୍କ ପ୍ରଥମ ବର୍ଷ କାର୍ଯ୍ୟକ୍ରମରେ ଯେପରି ସେ ଯୋଗଦେଇ ରାଜ୍ୟ ସରକାରଙ୍କୁ ମାର୍ଗଦର୍ଶନ ଦେଇଥିଲେ ସେହିପରି ଦ୍ୱିତୀୟ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ଗତକାଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ନେଇ ସବୁଜ ସଂକେତ ମିଳିଛି। ପ୍ରଧାନମନ୍ତ୍ରୀ ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ ବୋଲି ଜଣାଯାଇଛି। ଅପରପକ୍ଷେ ଆଜି ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ବିଭିନ୍ନ ବିଭାଗର ସଚିବଙ୍କ ସହ ଦ୍ୱିତୀୟ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଛନ୍ତି। ଏଥିରେ ବିଭିନ୍ନ ବିଭାଗର ସଫଳତା ଓ ଉପଲବ୍ଧି ବିଷୟରେ ଆଲୋଚନା କରାଯାଇଥିଲା। ଏପରିକି କେଉଁ ଯୋଜନାକୁ କାର୍ଯ୍ୟକାରୀ (ପୃଷ୍ଠା-୭ ଦେଖନ୍ତୁ)

## ଓଡ଼ିଶାର ବେଲପଣାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ନୂଆଦିଲ୍ଲୀ,: ୧୩୪ତମ୍ ମନ୍ କି ବାତ୍‌ରେ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ମନ୍ କି ବାତ୍ କାର୍ଯ୍ୟକ୍ରମରେ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଓଡ଼ିଶାର ବେଲପଣା କଥା କହିଲେ ପ୍ରଧାନମନ୍ତ୍ରୀ । ଏହା ସହିତ ଓଡ଼ିଶାର ସୁବର୍ଣ୍ଣରେଖା ଆମ୍ବ କଥା ବି କହିଛନ୍ତି । ଗ୍ରୀଷ୍ମ ପ୍ରବାହକୁ ନେଇ ସତର୍କ ରହିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପେଟକୁ ଥଣ୍ଡା ରଖୁଥିବା ବେଲପଣା ପିଇବାକୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ରାଜ୍ୟରେ ସ୍ପେସାଲ ପଣା ବିଷୟରେ କହି ଓଡ଼ିଶାର ସ୍ୱତନ୍ତ୍ର ବେଲପଣା ବାବଦରେ ଦେଶବାସୀଙ୍କୁ କହିଛନ୍ତି ପ୍ରଧାନମନ୍ତ୍ରୀ। ଓଡ଼ିଶାର ବେଲପଣା ଓ ସୁବର୍ଣ୍ଣରେଖା ଆମ୍ବକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ।

ମନ୍ କି ବାତ୍‌ରେ ଗ୍ରୀଷ୍ମ ପ୍ରବାହକୁ ନେଇ ମୋଦି କହିଛନ୍ତି, ଯଦି ଆପଣଙ୍କୁ ଖରାରେ ବାହାରକୁ ଯିବାକୁ ପଡ଼େ, ତେବେ ସତର୍କ ରୁହନ୍ତୁ । ଦେଶର ଅଧିକାଂଶ ସ୍ଥାନରେ ବହୁତ ଗରମ । ପ୍ରବଳ ସୂର୍ଯ୍ୟତାପ, ଗରମ ପବନ, ଏପରି ପାଗରେ ନିଜର ଯତ୍ନ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ । ପାଣି ପିଅନ୍ତୁ । ଯଦି ଆପଣଙ୍କୁ ଖରାରେ ବାହାରକୁ ଯିବାକୁ ପଡ଼େ, ତେବେ ସତର୍କତାର ସହିତ ବାହାରକୁ ଯାଅ । ଏହି ଦିଗରେ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ଭୁଲନ୍ତୁ ନାହିଁ । ଆମ ଦେଶରେ, ଗରମ ସହିତ ଲଢ଼ିବାର ଉପାୟ ପ୍ରାୟତଃ ରୋଷେଇ ଘରେ ମଧ୍ୟ ମିଳିଥାଏ । ଆପଣ ଏହା ମଧ୍ୟ ଲକ୍ଷ୍ୟ କରିଥିବେ ଯେ ଗରମ ବଢ଼ିବା ସହିତ ରୋଷେଇ ଘରର ସ୍ୱାଦ ବଦଳିଯାଏ, ରୋଷେଇ ଘରର ପ୍ରକାର ବଦଳିଯାଏ । କିଛି ସ୍ଥାନରେ ମାଟି ପାତ୍ରରୁ ପାଣି ବହିବାକୁ ଲାଗେ, କିଛି ସ୍ଥାନରେ ଦହି ପଡ଼ିବାକୁ ଲାଗେ, କିଛି ସ୍ଥାନରେ କଞ୍ଚା ଆମ୍ବ





ଫୁଟିବାକୁ ଲାଗେ ଏବଂ ତା'ପରେ ସ୍ଥାନୀୟ ପାନୀୟର ଯୁଗ ଆରମ୍ଭ ହୁଏ ।'

ମନ୍ କି ବାତରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, 'ଆପଣମାନେ ସ୍ଥାନୀୟ ପାନୀୟ ସହିତ ମଧ୍ୟ ପରିଚିତ, ଯଦି ଆପଣ ଉତ୍ତର ଭାରତ ଯାଆନ୍ତି, ତେବେ ଆପଣଙ୍କୁ ଅନେକ ସ୍ଥାନରେ ଆମ ପନ୍ନା, କଞ୍ଚା ଆମ୍ବ ସ୍ୱାଦ ଏବଂ ଗରମରୁ ମୁକ୍ତି ମିଳିବ। ଯଦି ଆପଣ ପଞ୍ଜାବ-ହରିଆଣା ଯାଆନ୍ତି, ତେବେ ଆପଣଙ୍କୁ ଲସି ମିଳିବ, ଏକ ବଡ଼ ଗ୍ଲାସରେ ଲସି । ରାଜସ୍ଥାନ ଏବଂ ଗୁଜରାଟରେ ବଟରମିଲ୍କ, ଏହା ପ୍ରତ୍ୟେକ ଖାଦ୍ୟର ସାଥୀ ହୋଇଯାଏ ଏବଂ ବିହାର, ଝାଡ଼ଖଣ୍ଡ, ପୂର୍ବ ଉତ୍ତର ପ୍ରଦେଶରେ ସତୁ ଶରବତ, ଏହା ବିଷୟରେ କଣ କହିବା, ଏହା ପେଟ ପୂରଣ କରେ ଏବଂ ଶକ୍ତି ମଧ୍ୟ ଦିଏ । କୋଙ୍କଣ ଏବଂ ଗୋଆରେ କୋକୁମ ଶରବତ, ସୋଲକଢି । ଦକ୍ଷିଣ ଭାରତରେ ପନକମ୍, ନୀର ମୋର, ସାମ୍ବରମ୍ ଏବଂ ଓଡ଼ିଶାରେ ବେଲ୍ ପଣା, ଏଗୁଡ଼ିକ କେବଳ ପାନୀୟ ନୁହେଁ, ଏହା ଭାରତର ବିଭିନ୍ନ ଅଞ୍ଚଳର ପରମ୍ପରାର ଏକ ଅଂଶ ।'

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ପ୍ରତ୍ୟେକ ଘରେ ଆଲୋଚନାର ଆଉ ଏକ ବିଷୟ ଆରମ୍ଭ ହୁଏ ଏବଂ ତାହା ହେଉଛି ଆମ୍ବ। ଭାରତରେ ଏପରି କୌଣସି ଘର ନଥିବା ବେଳେ ଗ୍ରୀଷ୍ମ ଋତୁରେ ଆମ୍ବ ବିଷୟରେ ଆଲୋଚନା ହୁଏ। ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ଆମ୍ବ, ନିଜସ୍ୱ ସ୍ୱାଦ, ନିଜସ୍ୱ ସୁଗନ୍ଧ ଅଛି । (ପୃଷ୍ଠା-୭ ଦେଖନ୍ତୁ)

## ବିଳମ୍ବରେ ଆସିବ ମୌସୁମୀ

### ଜୁନ୍ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଛୁଇଁପାରେ !

ଭୁବନେଶ୍ୱର,(ରା.ରି): କେରଳମ୍‌ରେ ମୌସୁମୀ ବାୟୁର ଆଗମନ ମେ' ୩୦ରୁ ଜୁନ୍ ୩ ମଧ୍ୟରେ ହେବାର ସମ୍ଭାବନା ଅଧିକ ରହିଛି। ଯଦି ବାୟୁମଣ୍ଡଳୀୟ ଗଠନର ଏହି ମନ୍ଥର ପ୍ରକ୍ରିୟା ଜାରି ରୁହେ ଏବଂ ବାୟୁପ୍ରବାହ ଉପଯୁକ୍ତ ଭାବେ ସଂଗଠିତ ନହୁଏ, ତେବେ ମୌସୁମୀ ଆଗମନ ଆହୁରି ୧ରୁ ୩ ଦିନ ଘୁଞ୍ଚିଯାଇପାରେ। ଏହି ବିଳମ୍ବର ଅର୍ଥ ଏହା ନୁହେଁ ଯେ ମୌସୁମୀ ଦୁର୍ବଳ ହୋଇଯାଇଛି। ବାସ୍ତବରେ, ଆରବ ସାଗର ଓ ଦକ୍ଷିଣ ଦ୍ୱୀପକଳ୍ପ ଅଞ୍ଚଳରେ ଅନେକ ଅନୁକୂଳ ସ୍ଥିତି ପୂର୍ବରୁ ବିଦ୍ୟମାନ ରହିଛି। ନିରନ୍ତର ବିଷୁବରେଖା ଅତିକ୍ରମ କରୁଥିବା ଦକ୍ଷିଣ-ପଶ୍ଚିମ ବାୟୁ, ପଶ୍ଚିମ ଉପକୂଳରେ ସକ୍ରିୟ ଅଫ୍-ସୋର୍ ଟ୍ରଫ୍, କେରଳ-ଲାକ୍ଷାଦ୍ୱୀପରେ ବ୍ୟାପକ ବର୍ଷା, ଘନ ମେଘମାଳା ଓ ଦିନର କମ୍ ତାପମାତ୍ରା ଆଦି ସ୍ଥିତି ମୌସୁମୀ ପାଇଁ ଏକ ଶକ୍ତିଶାଳୀ ଅନୁକୂଳ ସ୍ଥିତିକୁ ଦର୍ଶାଉଛି । ପାଣିପାଗର ସ୍ଥିତି ଦେଖିଲେ ଜଣାପଡୁଛି, ଓଡ଼ିଶାରେ ମୌସୁମୀର ଆଗମନ ପୂର୍ବରୁ ଏକ ଦୀର୍ଘ ପରିବର୍ତ୍ତନଶୀଳ ପର୍ଯ୍ୟାୟ ରହିବ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବୃଦ୍ଧି ପାଉଥିବା ଆର୍ଦ୍ରତା, ଉଷ୍ମ ରାତି ଓ ବଜ୍ରପାତ ସହ ବର୍ଷାର ପରିମାଣ ବୃଦ୍ଧି ପାଇବ। ପଶ୍ଚିମ ଓଡ଼ିଶାରେ ଆହୁରି କିଛି ଦିନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିପାରେ। ଅନ୍ୟପକ୍ଷରେ ଜୁନ୍ ଆରମ୍ଭରେ ଓଡ଼ିଶାରେ ଏକ ସକ୍ରିୟ କାଳବୈଶାଖୀ ପର୍ଯ୍ୟାୟ ଦେଖିବାକୁ ମିଳିପାରେ। ବଙ୍ଗୋପସାଗରୀୟ ବାୟୁ ପ୍ରବାହ ଶକ୍ତିଶାଳୀ ନହେଲେ, ଓଡ଼ିଶାରେ ସମ୍ପୂର୍ଣ୍ଣ ଭାବେ ସ୍ଥିର ମୌସୁମୀ ଜୁନ୍ ଦ୍ୱିତୀୟ ସପ୍ତାହ ମଧ୍ୟରେ ଅନୁଭୂତ ହୋଇପାରେ ବୋଲି ଡ. ପଶୁପାଳକ କହିଛନ୍ତି।

ଓଡ଼ିଶା ଉପରେ ଟ୍ରାପ୍ ଲାଇନ୍। ଯାହାକି ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ମୁହାଁ ହୋଇଯାଉଛି । ଏହା



ପ୍ରଭାବରେ ଆସନ୍ତା ୨୪ ଘଂଟାରେ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଘଣ୍ଟା ପ୍ରତି ପବନର ବେଗ ୬୦-୭୦ କିଲୋମିଟର ଯାଏଁ ବହିବା ସହ କୁଆ ପଥର ବର୍ଷା ମଧ୍ୟ ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ଏନେଇ ଉତ୍ତର ଓ ଦକ୍ଷିଣ ଓଡ଼ିଶା ପାଇଁ ରେଡ୍ ୱାର୍ଣ୍ଣିଂ ଜାରୀ କଲା ପାଣିପାଗ କେନ୍ଦ୍ର । ବିଶେଷ ପ୍ରଭାବିତ ହେବ କନ୍ଧମାଳ ଓ ଗଜପତି ଜିଲ୍ଲା ।

ସେହିପରି ବାଲେଶ୍ୱର ,ମୟୂରଭଞ୍ଜ, କେଉଁଝର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ(ପୃଷ୍ଠା-୭ ଦେଖନ୍ତୁ)

# ଓଡ଼ିଶା ହେବ ଦେଶର ଷ୍ଟିଲ୍ ରାଜଧାନୀ'

ପାରାଦୀପ(ରା.ରି): ପାରାଦୀପର ଏରସମା ଅଞ୍ଚଳରେ 'ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍'ର ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟଫର୍ନେସ୍ ନିର୍ମାଣ କାର୍ଯ୍ୟ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଅବସରରେ ପାରାଦୀପର ଢିଙ୍କିଆ ଅଂଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ନେଇଥିବା ପ୍ରକାଶ କରିଛନ୍ତି।

ଏହି ପ୍ରକଳ୍ପରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବ। ତା' ସହ ଏଠାରେ ୧୨ ମିଲିଅନ୍ ଟନର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟର କାପ୍‌ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି



ମଧ୍ୟ ନିର୍ମାଣ କରାଯିବ।

ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ JFE Steel ର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି।

ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଛି। ପୂର୍ବ ଗତିରେ କାମ ଚାଲିଥିଲେ ଯେଉଁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା, ବର୍ତ୍ତମାନ ତାହା ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ। ସରକାରଙ୍କ ଏହି ଦ୍ରୁତ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେ ଖୋର୍ଦ୍ଧାର ଟ୍ରାଇମେଟ୍ରୋ ଗାର୍ମେଣ୍ଟସର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଠାରେ ଶିଳାନ୍ୟାସର ବର୍ଷକ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇସାରିଛି।

ଓଡ଼ିଶାର ବୈଦେଶିକ ଶିଳ୍ପ ଭାଗିଦାରୀକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି। ଜାପାନର JFE ଷ୍ଟିଲ୍ ସହଯୋଗରେ ଝାରସୁଗୁଡ଼ାରେ ଚାଲିଥିବା ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ସେ କହିଥିଲେ, ଜାପାନ ସହ ଆଲୋଚନା ଅନୁଯାୟୀ ଖୁବ୍ ଶୀଘ୍ର ଓଡ଼ିଶା ଏବଂ ଜାପାନର 'ତୋତ୍ତୋରି' ରାଜ୍ୟ ମଧ୍ୟରେ ଭଗିନୀ ରାଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ। ଏହାଦ୍ୱାରା ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଜାପାନ ବ୍ୟାପକ ପୁଞ୍ଜି ନିବେଶ କରିବ। କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ବରଂ ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ଖୁବ୍ ଶୀଘ୍ର ନୂତନ ଷ୍ଟିଲ୍ ପ୍ଲାଣ୍ଟମାନ ଗଢ଼ିଉଠିବ ବୋଲି ଶ୍ରୀ ମାଝୀ ସୂଚନା ଦେଇଥିଲେ।

ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି ତାଙ୍କ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ସମୟ ମଧ୍ୟରେ ସରକାର ୪୩୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି, ଯାହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ଦେଶର ବିଭିନ୍ନ ପ୍ରମୁଖ ସହର ଯଥା ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଏବଂ ତାଙ୍କର 'ଯହି ସମୟ ହେ, ସହି ସମୟ ହେ' ଆହ୍ୱାନ ଯୋଗୁଁ ନିବେଶକମାନେ (ପୃଷ୍ଠା-୭ ଦେଖନ୍ତୁ)


ରାଜଧାନୀ ରିପୋର୍ଟର
RAJDHANI Reporter

## ଆବଶ୍ୟକ

ସାପ୍ତାହିକ ଖବରକାଗଜ ରାଜଧାନୀ ରିପୋର୍ଟର ରାଜ୍ୟର ସମସ୍ତ ବ୍ଲକରେ ପ୍ରତିନିଧି, ଏଜେଣ୍ଟ ଓ କାର୍ଯ୍ୟାଳୟ ପାଇଁ ଭିଜୁଆଲ ଏଡିଟର ଆବଶ୍ୟକ କରୁଛି । ଇଚ୍ଛୁକ ପ୍ରାର୍ଥୀ ରାଜଧାନୀ ରିପୋର୍ଟରର ମେଲ ଆଇଡି reporterrajdhani@gmail.comରେ ନିଜର ବାୟୋଡାଟା ପଠାନ୍ତୁ ।

ସଂପାଦକ



ସମ୍ପାଦକୀୟ

## କୃଷକ ବଜାର ଓ ଆର୍ଥିକ ସୁରକ୍ଷା

ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ। ପ୍ରଚୁର କଞ୍ଚାମାଲ ଓ ଭିତ୍ତିଭୂମି ଥିବା ସତ୍ତ୍ୱେ ଆବଶ୍ୟକ ଶିଳ୍ପାୟନ ଅଭାବରୁ ଓଡ଼ିଶାରେ ଏବେ ବି ପ୍ରାୟ ୬୦-୭୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଦେଶର ହାରାହାରି ବାର୍ଷିକ ବୃଷ୍ଟିପାତ ପ୍ରାୟ ୧୨୦୦ ମିଲିମିଟର ହୋଇଥିବା ବେଳେ ଆମ ରାଜ୍ୟର ଏହା ୧୫୦୦ ମିଲିମିଟର। ସମଗ୍ର ଦେଶରେ ଥିବା ଆଠ ପ୍ରକାର ମୃତ୍ତିକା ଆମ ପାଖରେ ଉପଲବ୍ଧ। ବିଭିନ୍ନ ଜଳବାୟୁ ମଧ୍ୟ ଦେଖିବାକୁ ମିଳେ । ଓଡ଼ିଶାର କଶ୍ମୀର ଭାବେ ଜଣାଶୁଣା ଦାରିଙ୍ଗବାଡିରେ ବରଫ ପଡିବାର ନଜିର ରହିଛି। ସମୁଦ୍ର ପତନଠାରୁ ଦେଓମାଳୀର ଉଚ୍ଚତମ ଶୃଙ୍ଗ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଭୂମିରୂପ ମଧ୍ୟ ଆମ ରାଜ୍ୟରେ ଅବସ୍ଥିତ । ସବୁଠୁ ବଡ ସମ୍ପଦ ହେଉଛି ରାଜ୍ୟରେ ବାସ କରୁଥିବା ପାଖାପାଖି ୫ କୋଟି ଶାକାହାରୀ ଓ ମାଂସାହାରୀ ଖାଉଟି ବା ଗ୍ରାହକ। ଭିନ୍ନ ଭିନ୍ନ ମୃତ୍ତିକା, ଜଳବାୟୁ, ଭୂମିରୂପ ଏବଂ ବୃହତ୍ ଖାଉଟି ଉପସ୍ଥିତି ଯୋଗୁ କେଉଁ ଅନାଦି କାଳରୁ ଓଡ଼ିଶାରେ ଶହ ଶହ ପ୍ରକାର ଫସଲ ଚାଷ ହୋଇ ଆସୁଛି। ଏପରିକି ଏବେ ଓଡ଼ିଶାରେ ଥଣ୍ଡା ଅଞ୍ଚଳରେ ସେଓ ଫଳିବାର ଦୃଷ୍ଟାନ୍ତ ମିଳିଲାଣି।

୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷର ଭୟାବହତା ସମୟରେ ଧାନ ଉତ୍ପାଦନ ହୋଇପାରି ନ ଥିଲେ ମଧ୍ୟ ଓଡ଼ିଶାରୁ ୩୩୦୦୦ ହଜାର ଟନ ଚାଉଳ ଅନ୍ୟ ରାଜ୍ୟ ଓ ବିଦେଶକୁ ରପ୍ତାନି ହୋଇଥିଲା, ଯାହାକି ଆମର ଦୁର୍ଭିକ୍ଷ ସ୍ଥିତିକୁ ଆହୁରି ଜଟିଳ କରିଦେଇଥିଲା। ସେତେବେଳେ ଆମେ ଅନ୍ୟ ରାଜ୍ୟଗୁଡିକର ସୀମାବର୍ତ୍ତୀ ଅଞ୍ଚଳ ଭାବେ ପରିଗଣିତ ହେଉଥିବାରୁ କୃଷି କ୍ଷେତ୍ରରେ ସ୍ୱତନ୍ତ୍ର ଓ ଆବଶ୍ୟକ ପଦକ୍ଷେପ ନେଇପାରୁ ନ ଥିଲୁ। ୧୯୩୬ ମସିହାରେ ସ୍ୱତନ୍ତ୍ର ରାଜ୍ୟ ଓଡ଼ିଶା ପାଇଲୁ। ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶାର ଶତାବ୍ଦୀ ପାଳିବାକୁ ଯାଉଛୁ। ହେଲେ ଆଶ୍ଚର୍ଯ୍ୟର ବିଷୟ, ଆଜି ମଧ୍ୟ ଓଡ଼ିଶା ୧୦ ଲକ୍ଷ ଟନ ଚାଉଳ ବାହାର ରାଜ୍ୟରୁ ଆମଦାନୀ କରି ବଞ୍ଚୁଛି। ସରୁ ଚାଉଳ ଓ ଲମ୍ବା ଚାଉଳ (ବିରିୟାନୀ ପାଇଁ) ଚାଷ ହେଉ ନ ଥିବାରୁ ଖାଉଟିଙ୍କ ପସନ୍ଦ ଅନୁସାରେ ବ୍ୟବସାୟୀ ବାହାର ରାଜ୍ୟରୁ ଆଣି ଆମକୁ ବିକୁଛନ୍ତି। ଦୁଃଖର କଥା, କୃଷି ଉତ୍ପାଦନର ସମସ୍ତ ସୁବିଧା ସୁଯୋଗ ଥିବା ସତ୍ତ୍ୱେ ଆମେ କୃଷି ଆୟରେ ଦେଶର ରାଜ୍ୟମାନଙ୍କ ତାଲିକାରେ ତଳଆଡୁ ଦ୍ୱିତୀୟରେ ଅଛୁ। ଆମର କୃଷି ଆୟ ପ୍ରତି ପରିବାର ପିଛା ମାସକୁ ୫୧୧୨ ଟଙ୍କା। ଝାଡଖଣ୍ଡ ୪୮୯୫ଟଙ୍କାରେ ରହି ତଳ ଆଡୁ ପ୍ରଥମ ସ୍ଥାନ ଅଧିକାର କରିଛି। ଦେଶର ପ୍ରତି କୃଷି ପରିବାରର ହାରାହାରି ମାସିକ କୃଷି ଆୟ ୧୦,୨୧୮ ଟଙ୍କା ଥିବାବେଳେ ବଣପାହାଡ ଘେରା ମେଘାଳୟର ଏହା ୨୯,୩୪୮ ଟଙ୍କା, ଯାହା ଦେଶର ସର୍ବୋଚ୍ଚ ସ୍ଥାନ ନେଇଛି। ଅପରପେଟ ମରୁଭୂମିପୂର୍ଣ୍ଣ ତଥା ମରୁଡି ପ୍ରପୀଡିତ ରାଜସ୍ଥାନର କୃଷି ଆୟ ୧୨୫୨୦ ଟଙ୍କା ଥିବା ବେଳେ ବନ୍ୟା ପ୍ରପୀଡିତ ଆସାମରଏହା ୧୦୬୭୫ ଟଙ୍କା, ଯାହା ବିକାଶ ଖସଡାକୁ ଆଖିଠାର ମାରୁଛି।



ଆମ ରାଜ୍ୟରେ କୃଷି ଆୟ କମ୍ ଥିବାରୁ ଚାଷୀ ଚାଷ ଛାଡି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ରାଜ୍ୟରେ ପରିସଂଖ୍ୟାନ ଯାହା କହୁନା କାହିଁକି ବାସ୍ତବ ଚିତ୍ର ହେଉଛି ଅଧିକାଂଶ ଚାଷଜମି ପଡିଆ। ଏହା ମଧ୍ୟ ବିଗତ ଦିନର ରିମୋଟ ସେନ୍ସିଂ ଡାଟାରୁ ସ୍ପଷ୍ଟ ହୋଇଛି। ପ୍ରଶ୍ନ ଉଠେ ଓଡ଼ିଶାରେ ଚାଷୀ ଆୟ ବୃଦ୍ଧି କାହିଁକି ହୋଇପାରୁ ନାହିଁ ? ଜଣେ ବୈଜ୍ଞାନିକ ହିସାବରେ ତର୍ଜମା କଲେ ଜଣାଯାଏ ଯେ, ଏହାର ଅନେକ କାରଣ ରହିଛି। ସେଥିମଧ୍ୟରୁ ମୁଖ୍ୟ କାରଣ ହେଉଛି ଆମ ବ୍ୟବସ୍ଥା କୃଷକଙ୍କୁ କୃଷି ଉତ୍ପାଦରେ ଖାଉଟି ଦେୟର ସିଂହଭାଗ ଦେଇପାରୁ ନାହିଁ। ଅର୍ଥାତ୍ ଓଡ଼ିଶାରେ ଖାଉଟି ମୂଲ୍ୟରେ କୃଷକମାନଙ୍କ ଭାଗ କମ୍ ରହୁଛି। ଯେହେତୁ ଚାଷୀ କମ୍ ପଇସା ପାଏ, ତା'ର ଦୁର୍ବଳ ଆର୍ଥିକ ଯୋଗୁ ଆଧୁନିକ କୃଷି ପାଇଁ ଆବଶ୍ୟକ ପୁଞ୍ଜି ନିବେଶ କରି ନ ପାରି ପାରମ୍ପରିକ ବା ପୁରାତନ ଢଙ୍ଗରେ ଚାଷ କରେ, ଯାହାର ଉତ୍ପାଦନ ଖର୍ଚ୍ଚ ଅଧିକ ହୋଇଥାଏ। ତେବେ ପନିପରିବା ଏକ ଅର୍ଥକରୀ ଫସଲ ହୋଇଥିବାରୁ ଆମେ ଏହାର ବଜାର ବିଶ୍ଳେଷଣ ମାଧ୍ୟମରେ ସମସ୍ୟାକୁ ବୁଝିପାରିବା। ସର୍ବେକ୍ଷଣରୁ ଜଣାଯାଏ, ଯେତେବେଳେ ଭୁବନେଶ୍ୱରର ଖାଉଟି ବାଇଗଣକୁ କିଲୋପିଛା ୫୦ ଟଙ୍କାରେ କିଣେ ସେତେବେଳେ ଚାଷୀ ବିହନ, ସାର, କୀଟନାଶକ, ପାଣି, ଶ୍ରମିକ ସବୁକିଛି ଲଗାଇ ମାତ୍ର ୧୬ରୁ ୨୦ ଟଙ୍କା ପାଏ। ଅର୍ଥାତ୍ ମାର୍କେଟିଂ ଚାନେଲ କିଛି ନ କରି ୩୦ରୁ ୩୪ ଟଙ୍କା ପାଏ। କୃଷି ଉତ୍ପାଦ ମୁଖ୍ୟତଃ ଅର୍ଥକରୀ ଫସଲରେ ଅତ୍ୟଧିକ ମିଡଲମ୍ୟାନ ବା ମଧ୍ୟସ୍ଥ ରହୁଥିବାରୁ ଚାଷୀଙ୍କୁ ଅଧିକ ପଇସା ମିଳେ ନାହିଁ। ଚାଷୀଙ୍କଠୁ ଛୋଟ ସଂଗ୍ରାହକ ଫସଲ ସଂଗ୍ରହ କରେ। ସେ ବଡ ସଂଗ୍ରାହକୁ ଦିଏ। ବଡ ସଂଗ୍ରାହକ ଭୁବନେଶ୍ୱର ହୋଲ୍‌ସେଲରକୁ ଦିଏ। ହୋଲ୍‌ସେଲର ରିଟେଲରକୁ ଦିଏ। ରିଟେଲର ଗ୍ରାହକୁ ବିକେ। ଆଜିକାଲି ହୋଲ୍‌ସେଲରଙ୍କଠୁ ସବ୍‌ହୋଲ୍‌ସେଲର ନେଲେଣି। ଦୋକାନୀ ଦୋକାନରେ ବସୁଛନ୍ତି, ସବ୍‌ହୋଲ୍‌ସେଲର ଦୋକାନୀକୁ ନେଇ ଦେଉଛନ୍ତି। ଦୋକାନୀ ଗ୍ରାହକଙ୍କୁ ବିକୁଛନ୍ତି। ସମସ୍ତେ କିଛି କିଛି ଲାଭ ରଖୁଛନ୍ତି। ସେମାନେ ସବୁ ଚେଷ୍ଟା କରନ୍ତି କିପରି ସବୁଠୁ କମ୍ ଦାମରେ ଚାଷୀଠୁ କିଣିବେ ଓ ଅଧିକ ଲାଭ କରିବେ। କାରଣ ଚାଷୀ ଅର୍ଥାଭାବରେ ଥାଏ ଏବଂ ଶୀତଳ ଭଣ୍ଡାର ଅଭାବରୁ ଶାଗମାଛ ଦାମରେ ଉତ୍ପାଦ ବିକିବାକୁ ବାଧ୍ୟ ହୁଏ।

ଆମେ ଯଦି କୃଷକଙ୍କୁ ଖାଉଟିଙ୍କ ସହିତ ସିଧାସଳଖ ଯୋଡିବା ତା'ହେଲେ ଖାଉଟି ଦେୟର ସିଂହଭାଗ ଉତ୍ପାଦକ ବା କୃଷକଙ୍କ ନିକଟକୁ ଯିବ। ପୂର୍ବରୁ କିଛି ସହରରେ କୃଷକ ବଜାର ସ୍ଥାପନ କରାଯାଇଥିବା ନଜିର ରହିଛି। ମାତ୍ର ବାହୁବଳ ହେଉ କିମ୍ବା ଅନ୍ୟାନ୍ୟ ପ୍ରଭାବ ପ୍ରୟୋଗ କରି ବେପାରୀମାନେ ତାକୁ ମାଡିବସିଲେ। ଚାଷୀଙ୍କୁ ସେଠି ବସି ବିକିବାକୁ ଦେଲେ ନାହିଁ। ଚାଷୀଙ୍କଠୁ ସିଧାସଳଖ ହୋଲ୍‌ସେଲର କିଣିବାର ବ୍ୟବସ୍ଥା ବି ନାହିଁ। ଏ ଅବ୍ୟବସ୍ଥା ଦୂର କରିବା ପାଇଁ ଆମକୁ ରାଜ୍ୟର ସବୁ ସହରରେ ଏକାଧିକ ଚାଷୀ ବଜାର ସ୍ଥାପନ କରିବାକୁ ପଡିବ। ସେଠାରେ କୌଣସି ବେପାରି ଯେମିତି ପଶିପାରିବେ ନାହିଁ, ସେଥିପାଇଁ କଡା ଆଇନ ଆଣିବାକୁ ହେବ। କୃଷି ବିଭାଗ କେବଳ ଚାଷୀମାନଙ୍କୁ ପରିଚୟପତ୍ର ଦେବ ଏବଂ କେବଳ ସେମାନେ ହିଁ କୃଷକ ବଜାରରେ ସିଧା ସଳଖ ଖାଉଟିଙ୍କୁ ଉତ୍ପାଦ ବିକ୍ରି କରିବେ। ଖାଉଟିଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରହିବ। ତା'ପରେ ବେପାରୀମାନେ ପଶି ସେଠାରୁ ଉତ୍ପାଦ କିଣି ବାହାରକୁ ନେଇପାରିବେ, ମାତ୍ର ସେଠାରେ ବିକ୍ରି କରିପାରିବେ ନାହିଁ। ବେପାରୀମାନେ ଅନ୍ୟତ୍ର କିମ୍ବା ବର୍ତ୍ତମାନର ବଜାରରେ ବସି ବିକ୍ରି କରିପାରିବେ। ଚାଷୀମାନଙ୍କୁ ସେମାନଙ୍କ ଫସଲ ଦେଖି ପ୍ରମାଣପତ୍ର ଦିଆଯିବ। ସୁରକ୍ଷା ଦୃଷ୍ଟିରୁ କୃଷକ ବଜାରରେ ବାଉଣ୍ଡରୀ ହେବା ଆବଶ୍ୟକ ଏବଂ ଶୌଚାଳୟର ବ୍ୟବସ୍ଥା ରହିବା ଦରକାର। ଦୂରରୁ ଯେଉଁ ଚାଷୀମାନେ ଆସିବେ ସେମାନଙ୍କ ରହଣି ପାଇଁ କୃଷକ ବଜାରରେ ସ୍ୱଳ୍ପ ମୂଲ୍ୟରେ ବେଡ୍ ଓ ଖାଇବା ଉପଲବ୍ଧ ହେବା ବାଞ୍ଛନୀୟ। କହିବାକୁ ଗଲେ କୃଷିଜାତ ଦ୍ରବ୍ୟ ବିକ୍ରିବଟାରୁ ମଧ୍ୟସ୍ଥଙ୍କୁ ଦୂରେଇ ପାରିଲେ ଯାଇ ଆମେ ଚାଷୀକୁ ଦି'ପଇସା ଅଧିକ ଦେଇପାରିବା। ସହରର ବିଭିନ୍ନ ଭାଗରେ ଉପରୋକ୍ତ କୃଷକ ବଜାର ସ୍ଥାପନ କରି କୃଷକଙ୍କୁ ସିଧାସଳଖ ଖାଉଟିଙ୍କ ସହିତ ଯୋଡିପାରିଲେ ଚାଷୀଙ୍କ ଆୟ ବୃଦ୍ଧି କରିବାରେ ସକ୍ଷମ ହେବା।

## ଆଇଟି କର୍ମଚାରୀଙ୍କ ପାଇଁ ଅବସାଦ ଆଣୁଛି ଏଆଇ

### ପ୍ରଫେସର ଡାକ୍ତର ସମ୍ରାଟ କର

୨୦୧୭-୨୦୨୫ ମଧ୍ୟରେ ଦେଶରେ ୨୨୭ ଜଣ ଆଇଟି କର୍ମଚାରୀ ଆତ୍ମହତ୍ୟା କରିଛନ୍ତି । ସେମାନଙ୍କ ମଧ୍ୟରେ ଚେନ୍ନାଇର ଏକ ସଫ୍ଟୱେୟାର କମ୍ପାନୀର ମ୍ୟାନେଜର ଛାତରୁ ଡେଇଁ ଆତ୍ମହତ୍ୟା କରିଥିଲେ । ଅତ୍ୟଧିକ କାର୍ଯ୍ୟ ଚାପ ଯୋଗୁଁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ ବୋଲି ପୋଲିସ କହିଥିଲା । ସେହିଭଳି ପୁଣେରେ ଜଣେ ୩୬ ବର୍ଷୀୟ ଆଇଟି କର୍ମଚାରୀ ନଦୀକୁ ଡେଇଁ ଜୀବନ ହାରିଥିଲେ । ଆଉ ଜଣେ ୩୮ ବର୍ଷୀୟ ସଫ୍ଟୱେରେର ଇଞ୍ଜିନିୟର ନିଜକୁ କରେଣ୍ଟ ଦେଇ ଆତ୍ମହତ୍ୟା କରିଥିଲେ । ସେ ମଧ୍ୟ କାର୍ଯ୍ୟରେ ଅଧିକ ଚାପ ଯୋଗୁଁ ଜୀବନ ହାରିଥିଲେ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ଭାରତୀୟ ଆଇଟି କର୍ମଚାରୀଙ୍କ ଜୀବନରେ ଅତ୍ୟଧିକ ଅବସାଦ ଆଣୁଛି । ଏହି ଚିନ୍ତାରେ ଆଇଟି କର୍ମଚାରୀମାନେ ଆତ୍ମହତ୍ୟା କରୁଛନ୍ତି । ଏସବୁ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା ରେଷ୍ଟ ଅଫ୍ ଓବାର୍ଲ୍ଡ ରିପୋର୍ଟରୁ ଜଣାପଡ଼ିଛି । ଏଭଳି ଚିନ୍ତା କର୍ମଚାରୀଙ୍କ ମଧ୍ୟରେ ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରୁଛି ।

କୃତ୍ରିମ ବୁଦ୍ଧିମତ୍ତା ବିଶ୍ୱକୁ ଦ୍ରୁତ ଗତିରେ କବଳିତ କରିବାରେ ଲାଗିଛି । କୃତ୍ରିମ ବୁଦ୍ଧିମତ୍ତାର ମଧ୍ୟ ପ୍ରକାର ଭେଦ ରହିଛି । ପ୍ରଥମଟି ହେଉଛି ସୀମିତ କୃତ୍ରିମ ବୁଦ୍ଧିମତ୍ତା ଏହା ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାର କ୍ଷମତା ରଖିଥାଏ । ଆଉ ଗୋଟିଏ ହେଉଛି ଅତି କୃତ୍ରିମ ବୁଦ୍ଧିମତ୍ତା ଏହା ଏକ ପ୍ରକାର ଏଆଇ ଯାହା ମାନବୀୟ ବୁଦ୍ଧି, ବିଚାରଶକ୍ତି ଓ ନିଷ୍ପତ୍ତି ନେବାର କ୍ଷମତାକୁ ଅତିକ୍ରମ କରି ଅଧିକ କୁଶଳ ଓ ସଚେତନ କରିପାରେ । ତେବେ ସୃଜନଶୀଳ କୃତ୍ରିମ ବୁଦ୍ଧିମତ୍ତାଟି ହେଉଛି ଅନ୍ୟତମ । ଯାହା ଅଗ୍ରୀମ ତଥ୍ୟ ଓ ପ୍ରଣାଳୀ ଉପରେ ଆଧାର କରି ନୂତନ ବିଷୟ ସୃଷ୍ଟି ବା ସୃଜନ କରିପାରେ । ଏଆଇ ପ୍ରଭାବରେ ଚଳିତ ବର୍ଷରୁ ବିଶ୍ୱର ୧ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ସେମାନଙ୍କ ଚାକିରୀ ହରାଇ ବେକାର ହୋଇସାରିଛନ୍ତି । ଅଧିକାଂଶ କମ୍ପାନୀର ବ୍ୟବସାୟ ପରିବେଶରେ ପରିବର୍ତ୍ତନ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରଭାବରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଉଛି । ଉଦାହରଣ ବଶତଃ ଆମାଜନ ୧୪ ହଜାର କର୍ପୋରେଟ କର୍ମଚାରୀଙ୍କୁ ଛଟେ। କରିଥିବାବେଳେ ଚିପ ନିର୍ମାତା ଇଣ୍ଟେଲ ଚଳିତ ବର୍ଷ ୨୪ ହଜାର ପାଖାପାଖି କର୍ମଚାରୀଙ୍କୁ ଛଟେଇ କରିଛି । ପ୍ରଥମେ ଭାରତ ଭଳି ଦେଢଶହ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ବେକାରୀ ସମସ୍ୟାକୁ ଏଆଇ ପ୍ରୋତ୍ସାହିତ କରୁଛି । ସାରା ବିଶ୍ୱ ପାଇଁ ମଧ୍ୟ ବୃହତ୍ ଆର୍ଥିକ ସଂକଟ ସୃଷ୍ଟି କରିବାକୁ ଯାଉଛି । କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସ୍ୱୟଂ ଚାଳିତ ଶକ୍ତି ଏବଂ କୃତ୍ରିମ ଶକ୍ତି ଆମ କାମର କରିବାର ଶୈଳୀକୁ ପରିବର୍ତ୍ତନ କରୁଛି । ଯାହାଦ୍ୱାରା ଭବିଷ୍ୟତରେ ଦେଶର ବେକାର ଓ ନିଯୁକ୍ତି ସମସ୍ୟା ଅଧିକ ଉତ୍କଟ ହେବାର ସମ୍ଭାବନା ରହିଛି । ଏଆଇର ବ୍ୟାପକ ବ୍ୟବହାର ଦ୍ୱାରା ୨୦୩୦ ସୁଦ୍ଧା ବିଶ୍ୱ କର୍ମଶକ୍ତିର ୩ରୁ ୧୪ ପ୍ରତିଶତ କର୍ମଚାରୀ ସେମାନେ ଚାକିରି ବଦଳାଇ ନୂତନ କୌଶଳ ଶିଖିବାକୁ ବାଧ୍ୟ ହେବେ । ପ୍ରଯୁକ୍ତିବିଦ୍ୟା ଓ ବ୍ୟବସାୟ କ୍ଷେତ୍ରର ବ୍ୟବସାୟୀ ଅଧିକ ଲାଭବାନ ହୋଇଥିବାବେଳେ ଆମର ଶ୍ରମ ବଜାରର ଭବିଷ୍ୟତ ଉପରେ ଏକ ବଡ଼ ପ୍ରତିବନ୍ଧକ ହୋଇଛି ଏଆଇ ।

କୃତ୍ରିମ ବୁଦ୍ଧିବତ୍ତା ହେଉଛି ଏକ ମେସିନ କ୍ଷମତା ଯାହା ଆମର ବୁଦ୍ଧିକୁ ବ୍ୟବହାର କରି ମେସିନ ଶିକ୍ଷା



ଠାରୁ ସମସ୍ୟା ସମାଧାନ, କାର ଚଳାଇବା ଠାରୁ ନିଷ୍ପତ୍ତି ବା ତଥ୍ୟ ବିଶ୍ଳେଷଣ ସବୁ କରିପାରୁଛି । କେବଳ ସେତିକି ନୁହେଁ ଏଆଇ ମାଧ୍ୟମରେ ଭଏସ ଆସିଷ୍ଟାଣ୍ଟ ସୁପାରିଶ ଭଳି କାର୍ଯ୍ୟ କରାଯାଇପାରୁଛି । ବର୍ତ୍ତମାନ ସମୟରେ ଆମର ଦୈନନ୍ଦିନ ଜୀବନରେ ଏହାର ଭୂମିକା ବଢ଼ିବାରେ ଲାଗିଛି । ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ଓ ଶ୍ରମ ଶକ୍ତି ବିନିଯୋଗ ସମ୍ପନ୍ନ ରାଷ୍ଟ୍ର ପାଇଁ ଏଆଇ ଯେତିକି ଲାଭ କରୁଛି ଅନେକ କ୍ଷତି ମଧ୍ୟ କରୁଛି । ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଖଡ଼ଗପୁରର ତଥ୍ୟ ଅନୁଯାୟୀ ଏଆଇ ଯୋଗୁଁ ଟେକ କର୍ମଚାରୀମାନେ ସେମାନଙ୍କ ଚାକିରି ବିଷୟରେ ଏକ ବିରାଟ ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି । ଏହା କମ୍ପାନୀ ଗୁଡ଼ିକୁ ଖର୍ଚ୍ଚ ହ୍ରାସ କରିବା ପାଇଁ ପ୍ରଯୁକ୍ତି ବିଦ୍ୟାରେ ନିବେଶ କରିବାକୁ ପ୍ରେରଣା ଦେଇଛି । ରିପୋର୍ଟରେ କୁହାଯାଇଛି ଯେ ପ୍ରବେଶ ସ୍ତରୀୟ ଚାକିରିଗୁଡ଼ିକ ସର୍ବାଧିକ ବିପଦରେ ଆଜି ଏବଂ ଭାରତର ଆଇଟି ଶିଳ୍ପ ମଧ୍ୟ ଏଥିରୁ ମୁକ୍ତ ନୁହେଁ । ୨୦୨୫ରେ ଆମେରିକାର ଟେକ୍ନୋଲୋଜି କ୍ଷେତ୍ର ୧.୫ ଲକ୍ଷ ଚାକିରି ହ୍ରାସ କରିଥିଲା ।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଚାପ ଏବଂ ଆମେରିକା-ଭାରତ ବାଣିଜ୍ୟିକ ସମ୍ପର୍କର ଉତ୍ତେଜନା ମଧ୍ୟରେ ଟିସିଏସ୍ ଗତ କିଛି ବର୍ଷ ଅକ୍ଟୋବରରେ ପ୍ରାୟ ୨୦ ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା । କମ୍ପାନୀ ଏଆଇ ଏବଂ ସ୍ୱୟଂ ଚାଳିତ ସେବା ଆଡ଼କୁ ଅଗ୍ରସର ହେଉଥିବାରୁ ଏହା ମାର୍ଚ୍ଚ ୨୦୨୬ ସୁଦ୍ଧା ଏହାର ବିଶ୍ୱସ୍ତରୀୟ କର୍ମଚାରୀଙ୍କ ଦୁଇ ପ୍ରତିଶତ ହ୍ରାସ କରିବାକୁ ଯୋଜନା କରୁଛି । ରିପୋର୍ଟରେ କୁହାଯାଇଛି ଯେ କାର୍ଯ୍ୟ ଘଣ୍ଟା ବୃଦ୍ଧି ଯୋଗୁଁ କର୍ମଚାରୀମାନେ ଏକାକୀ ହୋଇଯାଉଛନ୍ତି ଏବଂ ଯେଉଁମାନେ ନିଯୁକ୍ତି ପାଉଛନ୍ତି ସେମାନେ ନିରନ୍ତର ଚାକିରି ହରାଇବାର ଆଶଙ୍କାରେ ଅଛନ୍ତି । ଏହି ସବୁ ପ୍ରସଙ୍ଗ ଉପରେ ଅଧିକ ଧ୍ୟାନ ଦେଉଥିବା କର୍ମଚାରୀଙ୍କ ମଧ୍ୟରୁ କେତେକ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନିଅନ୍ତି ବୋଲି ରିପୋର୍ଟରେ କୁହାଯାଇଛି । ବହୁଳ ଭାବେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଅନେକଙ୍କର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମନୁଷ୍ୟପରି ଏଆଇକୁ ବିଶ୍ରାମର ଆବଶ୍ୟକତା ନାହିଁ କିମ୍ବା ମଜୁରୀ ବୃଦ୍ଧି ପାଇଁ ଶ୍ରମିକ ମାନଙ୍କର ଧର୍ମଘଟ ବା ଆନ୍ଦୋଳନର ଭୟ ନାହିଁ । ତେଣୁ ଏ କ୍ଷେତ୍ରରେ ଏଆଇ ଅନେକଙ୍କ ପାଇଁ ମାନସିକ ଦୁଃଚିନ୍ତାର ବଡ଼ କାରଣ ପାଲଟୁଛି । କୃତ୍ରିମ ବୁଦ୍ଧିମତ୍ତା ଯେଉଁଠାରେ ଅର୍ଥନୈତିକ କାର୍ଯ୍ୟକ୍ଷମତା ବଢ଼ାଇ ପାରୁଛି ସେଠାରେ ନିଯୁକ୍ତି ଓ ଆର୍ଥିକ ବୈଷମ୍ୟ ଉପରେ ଗଭୀର ପ୍ରଭାବ ପକାଉଛି । ଏହା ସ୍ୱାଭାବିକ କଥା ଏଆଇର ପ୍ରୟୋଗ ବଢ଼ିବା ଦ୍ୱାରା ମଣିଷର ଉପଯୋଗ, ବ୍ୟବହାର ଓ ସାମର୍ଥ୍ୟର କ୍ଷମତା ସବୁକିଛି କମିବାରେ ଲାଗିଛି । ଯାହାଦ୍ୱାରା କର୍ମସଂସ୍ଥାନ ହରାଉଥିବା ବା ନୂଆ ଆହ୍ୱାନପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତା ଉନ୍ନତ ଜ୍ଞାନସମ୍ପନ୍ନ ଟେକ୍ନୋଲୋଜି ଧାରାରେ ନିଜକୁ ସାମିଲ କରିବା ମଧ୍ୟ କେତେକଙ୍କ କ୍ଷେତ୍ରରେ କଷ୍ଟକର ହୋଇଯାଉଥିବାରୁ ଅନେକ ଏହି କ୍ଷେତ୍ରରେ ମାନସିକ ଭାବେ ଆଘାତ ପାଇଥାନ୍ତି ।

କୃତ୍ରିମ ବୁଦ୍ଧିମତ୍ତା ମାନବ ସୃଜନଶୀଳତାକୁ କୌଣସି ପରିସ୍ଥିତିରେ ବଦଳାଇ ପାରିବ ନାହିଁ । ଏହା ଆମ ପାଇଁ ଏକ ପ୍ରତିଦ୍ୱନ୍ଦ୍ୱୀ ବଦଳରେ ବରଂ ସୃଜନଶୀଳ ସହଭାଗୀ ଭାବରେ ଗ୍ରହଣ କରିବା ଉଚିତ । କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରିବା ଏବେ ସହଜ ଓ ଅଧିକ ଉପଲବ୍ଧ ହେଲାଣି । ତେବେ କୃତ୍ରିମ ବୁଦ୍ଧିମତ୍ତା ଚାକିରି ଛଡ଼ାଇ ନେବାର ଆଶଙ୍କା ସୃଷ୍ଟି କରୁଥିଲେ ମଧ୍ୟ ଏହି ଆହ୍ୱାନକୁ ଗ୍ରହଣ କରି ଅନେକ ଭଲ କ୍ୟାରିୟର ମଧ୍ୟ ଗଢ଼ି ପାରୁଛନ୍ତି । ଏହା ନୂତନ ସୃଜନଶୀଳ ଯୁଗର ଦ୍ୱାର ଖୋଲି ଦେଇଛି ଏବଂ ଏହା ବିକଶିତ ହେବାସହ ଆସନ୍ତାକାଲିର ଆହ୍ୱାନ ଭରା ସମୟ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଯାଉଛି । ତେଣୁ ଏ କ୍ଷେତ୍ରରେ ମାନସିକ ଭାବେ ନିଜକୁ ପ୍ରସ୍ତୁତ କରି ଆହ୍ୱାନ ଭରା ଏହି ନୂତନ ଟେକ୍ନୋଲୋଜିକୁ ଗ୍ରହଣ କରି ନୂଆ କର୍ମସଂସ୍ଥାନକୁ ଆଗେଇ ନେବା ବାଞ୍ଛନୀୟ । ମାନସିକ ଭାବେ ନିଜକୁ ସୁଦୃଢ଼ କରି ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କଲେ ଆପଣ ଏହାକୁ ନେଇ କୌଣସି ଆଶା ଆଶଙ୍କାରେ ନରହି ବରଂ ସକରାତ୍ମକ ଭାବନାର ସହିତ ନୂଆ ସମ୍ଭାବନାକୁ ଗ୍ରହଣ କରିବା ହିଁ ବୁଦ୍ଧିମାନର ପରିଚୟ ହେବ ।

ମାନସିକ ରୋଗ ବିଶେଷଜ୍ଞ, "ଦି\ବେନ'
ପୁରୀଘାଟ ରୋଡ଼, କଟକ,
ଦୂରଭାଷ: ୯୪୩୭୧୬୩୪୦୬

## ଉପଭୋଗ୍ୟ ଶବ୍ଦ ପ୍ରଦୂଷଣ!!

### ଯୁଧିଷ୍ଠିର ମହାରଣା

ଓଡ଼ିଶାର ଜନୈକ ପ୍ରସିଦ୍ଧ ଓ ଲୋକପ୍ରିୟ ନାଟ୍ୟ ଅଭିନେତାଙ୍କର ଡିଜେର ବିକଟାଳ ଶବ୍ଦରେ ହୃଦଘାତ ହୋଇ ଅକାଳରେ ପରଲୋକ ହୋଇଗଲା, ଏହା କିଛି ଦିନ ତଳର ଘଟଣା । ବାସ୍ତବ କଥା ହେଉଛି ସମାଜରେ ଶବ୍ଦ ପ୍ରଦୂଷଣର ଯେଉଁପରି କାୟା ବିସ୍ତାର ହୋଇଛି ଏହାକୁ ନେଇ ପ୍ରତିବାଦର ସ୍ୱର ଯେପରି ଅନେକଙ୍କ ଭିତରେ ହଜି ଯାଇଛି । ଆଇନ କାନୁନ ବ୍ୟବସ୍ଥା ଦେଖିଲେ ପୋଲିସର ପ୍ରଶାସନିକ ବ୍ୟବସ୍ଥାରେ ଶବ୍ଦର ସ୍ତର ଓ ଡିଜେ ଉପରେ କଟକଣା ଜାରି ରହିଛି । କିନ୍ତୁ କ୍ୱଚିତ କ୍ଷେତ୍ରରେ ଏହାର ସଫଳ ବ୍ୟବହାର ଦେଖାଦେଉଛି । ଅନେକ ସମୟରେ ଦେଖାଯାଏ ପୂଜା ମଣ୍ଡପ ବ୍ୟତୀତ ସପିଂ ମଲ, ମନ୍ଦିର, ହାଟ ଆଦି ସର୍ବସାଧାରଣ ସ୍ଥାନରେ ଛାଡ଼ି ଦୁଲୁକାଇବା ଭଳି ଡିଜେ ବାଜୁଥିଲେ ମଧ୍ୟ ଏଥିପ୍ରତି ସମସ୍ତେ ଦେଖି ନଦେଖିବା ଭଳି ଅଭିନୟ କରୁଥିଲେ । ଏହି କଟକଣା ଉଲ୍ଲଙ୍ଘନକାରୀଙ୍କ ମଧ୍ୟରୁ ଯଦି ଜଣକ ବିରୋଧରେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା ତେବେ ଶବ୍ଦ ରାକ୍ଷସର ଦୌରାତ୍ମ୍ୟକୁ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇପାରନ୍ତା । ଅନେକ ହୁଏତ ଏହା ମଧ୍ୟ କହିପାରନ୍ତି ଯେ, କିଛି ବର୍ଷ ତଳେ ଦେଶର ସର୍ବୋଚ୍ଚ



ଅଦାଲତ ଦିଲ୍ଲୀ ମହାନଗରରେ ବାଣଫୁଟା ଉପରେ ସଂପୂର୍ଣ୍ଣ କଟକଣା ଜାରି କରିଥିଲେ କିନ୍ତୁ କଟକଣାକୁ ଗ୍ରହଣ କରିବେ କ\'ଣ ବରଂ ଦେଶର ସବୁ ରେକର୍ଡ଼ ଦିଲ୍ଲୀରେ ହିଁ ଭାଙ୍ଗିଥିଲା । ବଜାରକୁ କିପରି ଏ ବାଣ ଆସୁଛି ପ୍ରଶାସନ ଦେଖିବା ପ୍ରଥମ କାର୍ଯ୍ୟ କିନ୍ତୁ ଲୋକଦେଖାଣିଆ କଟକଣା ଧର୍ମକୁ ଆଖିଠାର ମାରିଲା ପରି ।

ବିବାହ ଉତ୍ସବରେ ସମାନ ଧାରା ଜାରି ରହିଛି, ଯାହା ଚଳିତ ବର୍ଷ ମଧ୍ୟ ଜାରି ରହିବା ସମ୍ଭାବନା ପ୍ରାୟତଃ ନିଶ୍ଚିତ । ଆକାଶକୁ ଥରାଇ ଦେବା ଭଳି ରକେଟ ବାଣର ଗୁରୁଗର୍ଜନ ଡିଜେର ବୁକୁଫଟା ଶବ୍ଦ ତରଙ୍ଗର କୁପ୍ରଭାବ ଯେତେ ସୁଦୂରପ୍ରସାରୀ ହେଲେ ହେଁ ଏସବୁ ପ୍ରତି ଆମେ ନିଜେ ସଚେତନ ନ ହେବା ଦ୍ୱାରା ଆମ ଅଲକ୍ଷ୍ୟରେ ନିଜର ଓ ଉତ୍ତରପିଢ଼ିର କ୍ଷତି ସାଧନ କରିଚାଲୁଛେ । ଗତ କିଛିବର୍ଷ ଧରି ଖୋଦ ବରଯାତ୍ରୀରେ ସାମିଲ ହୋଇଥିବା ଲୋକ ଏପରିକି ବରପିତା ଡିଜେର ଉତ୍କଟ ଶବ୍ଦରେ ପ୍ରାଣ ହରାଇଥିବା ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁଥିବାର ଖବରମାନ ଗଣମାଧ୍ୟମରେ ପ୍ରକାଶ ପାଉଛି । ଏହାସତ୍ତ୍ୱେ ବିନା ଡିଜେ ଓ ଉତ୍କଟ ଶବ୍ଦ ସୃଷ୍ଟିକାରୀ ବାଣ ବିନା ବରଯାତ୍ରୀ ଥାଟ ବାହାରି ପାରୁନାହିଁ କି ପୁଲିସ ପ୍ରଶାସନ କଠୋର ହେଉନାହିଁ ।

ବର୍ତ୍ତମାନର ସମୟରେ ଡିଜେର ଛାତିଥରା ଘଟଣାଟିକୁ ଚିନ୍ତା କଲାବେଳକୁ ଏହା ଅନୁଭବ ହେଉଛି ଯେ ଆମ୍ଭେମାନେ ଜୀବନ ଶୈଳୀକୁ ଏବଂ ଆମର ସୁଖଦ କାର୍ଯ୍ୟକ୍ରମକୁ ଆଡ଼ମ୍ବରପୂର୍ଣ୍ଣ ଓ ଉପଭୋଗ୍ୟ କରିବାପାଇଁ ଯେଉଁ ସବୁ ବିଜୁଳି ଚାଳିତ ଓ ଯାନ୍ତ୍ରିକ ଉପକରଣର ସହଯୋଗ ନେଉଛୁ ସେ ସବୁ ଆମର ପରୋକ୍ଷରେ ହୁଏତ ଅଜାଣତରେ ମଣିଷ, ପଶୁ-ପକ୍ଷୀ, କୀଟ-ପତଙ୍ଗ ଓ ବୃକ୍ଷଲତା ପାଇଁ ନିରବ ଘାତକର ରୂପ ନେଉଛି । ବିଜ୍ଞାନର ଅଗ୍ରଗତି ସହିତ ଶବ୍ଦ ରାକ୍ଷସର ରୂପ ଆହୁରି କରାଳ ଓ ତା\'ର ପ୍ରକୃତି ଅଧିକ କ୍ରୁର ହେବାରେ ଲାଗିଛି । ଏପରିକି ବିଦ୍ୟାଳୟର ବ୍ୟାୟାମ ପାଇଁ ବାଜୁଥିବା ଡ୍ରମ ଓ ହ୍ୱିସିଲରୁ ଆରମ୍ଭ କରି ମଠ ମନ୍ଦିରରେ ଢ଼ୋଲ, ରୋଷଣୀର ସଙ୍ଗୀତ ଓ ଆତସବାଜୀ, ଗାଡ଼ିର ହର୍ଣ୍ଣ ମଧ୍ୟ କାହାର ତତ୍କାଳ ଜୀବନ ନେଇପାରେ, ନିରବ ଘାତକ ସାଜି ଜୀବନକୁ ଅର୍ଥବ କରିପାରେ । ଏହା ଆମେ କ୍ଷଣିକ ଆନନ୍ଦର ମୋହରେ ଭୁଲି ଯାଉଛୁ କିମ୍ବା ଜାଣି ମଧ୍ୟ ଅବହେଳା କରୁଛୁ । ଅନେକ ହୁଏତ ଜାଣିନଥିବେ, ଆତସବାଜି ଆମ ପ୍ରିୟ ଗୃହପାଳିତ ପଶୁଙ୍କ ପାଇଁ ଯେ ମୃତ୍ୟୁର ଯନ୍ତ୍ରଣା ଆଣୁଛି ତାହା ମଧ୍ୟ ଆମେ ଜାଣି ଅଜଣା ହେଉଛୁ । ଡିଜେର ଛାତିଥରା ବିକଟାଳ ଶବ୍ଦ, ବାଣଫୁଟା, ରାବଣ ପୋଡ଼ି, ଜଳ ପ୍ରଦୂଷଣ ଏ ସବୁ ଉପରେ ପ୍ରଶାସନିକ ଭାବରେ ଅନେକ କଠୋର ଆଇନ ଓ ଦଣ୍ଡର ବ୍ୟବସ୍ଥା ରହିଛି । କେଉଁ ଅଞ୍ଚଳରେ କେତେ ସ୍ତରର ଏବଂ କେଉଁ ମାନ ଦଣ୍ଡ ଗ୍ରହଣ କରାଯାଇ ଶବ୍ଦ ଡେସିବଲ ବ୍ୟବହାର କରାଯିବ ସେ ନେଇ ସର୍କୁଲାର ରହିଛି । କେବଳ ସେତିକି ନୁହେଁ ଏହାକୁ ଯେଉଁମାନେ ବି ଖିଲାପ କରୁଥିବେ ସେମାନଙ୍କ ବିରୋଧରେ କେଉଁ ସ୍ଥାନରେ, କେଉଁ ତଥ୍ୟାବଳୀ ସହ ଅଭିଯୋଗ ରଖିପାରିବେ ସେ ନେଇ ମଧ୍ୟ ଆଇନରେ ସ୍ପଷ୍ଟ ଭାବରେ ଅନେକ ନିର୍ଦ୍ଦେଶାବଳୀ ଉଲ୍ଲେଖ ରହିଛି । ଏଠାରେ ଏକ ତଥ୍ୟ ରଖିପାରୁ କି ଯେ ଶବ୍ଦର ଗ୍ରହଣୀୟ ଡେସିବଲ ମାପ ମାନଦଣ୍ଡ ସବୁକ୍ଷେତ୍ର ପାଇଁ ସମାନ ନଥାଏ । ଶିଳ୍ପ ନିର୍ମାଣ କ୍ଷେତ୍ର, ଆକାଶପଥ, ରେଳପଥ, ସଡ଼କପଥ ସବୁ ପାଇଁ ଅଲଗା ଅଲଗା ଆଇନର ନିର୍ଦ୍ଦେଶାବଳୀ ରହିଛି କିନ୍ତୁ ସଚେତନତା ନଥିବାରୁ ଓ ପ୍ରଶାସନିକ କ୍ଷେତ୍ରରେ ଉଦାସୀନତା ମାନସିକତା ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ । ବର୍ତ୍ତମାନର ଜଳବାୟୁର ଯେଉଁପରି ବିଭିନ୍ନ ବ୍ୟତିକ୍ରମ ଓ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ସବୁ ଦେଖାଦେଉଛି ଏ ସବୁକୁ ଦେଖିଲେ ଉପରୋକ୍ତ ପ୍ରଦୂଷଣ କ୍ଷେତ୍ର କିପରି ଯେ ଜୀବଜଗତ ଠାରୁ ପ୍ରାଣୀଜଗତ ଆମ ସମସ୍ତଙ୍କ ପାଇଁ ବିଷର ବଳୟ ସୃଷ୍ଟି କରୁଛନ୍ତି ତାହା ଚିନ୍ତାଜନକ ନିଶ୍ଚୟ । ଶ୍ରାବଣ ମାସରେ ଧାରା ଶ୍ରାବଣର ବର୍ଷା ଆଉ ନାହିଁ, ଗାଁ ଗଣ୍ଡାରେ ରହିଥିବା ବିଲର ପାଣି ବା ପୋଖରୀ ହୁଡ଼ାରେ ଆଉ ବେଙ୍ଗ ରଡ଼ି ବି ଶୁଭୁନାହିଁ, କ୍ୱଚିତ କେଉଁଠି କୋଇଲିଟି ରାବ ଦେଉଛି, ଖରା ଦିନରେ ଅଚାନକ କାଳବୈଶାଖୀ ଓ ବର୍ଷା ଏମିତିରେ କହିଲେ ତ ଆମ୍ଭେମାନେ ପ୍ରାୟତଃ ତିନଟି ଋତୁ ଅର୍ଥାତ୍ ବର୍ଷା, ଶୀତ ଓ ଗ୍ରୀଷ୍ମ ଅନୁଭବ କରୁ । ଦିନକୁ ଦିନ ଆମ୍ଭେମାନେ ଜୀବନକୁ ଅନ୍ୟ ମାନଙ୍କ ଠାରୁ ଉଚା ଦେଖାଇବା ପାଇଁ ଅନେକ ଅର୍ଥ ଅପଚୟ କରି ହୁଏତ କିଛି କ୍ଷଣ ପାଇଁ ସମୟକୁ ଉପଭୋଗପୂର୍ଣ୍ଣ କରାଯାଇପାରେ । କିନ୍ତୁ ଏହା ନିଶ୍ଚିନ୍ତ ପ୍ରଦୂଷଣର ଭୟାବହତା ଯଦି ଆଜିଠାରୁ ସଠିକ ଭାବେ ବିଚାର କରାଯାଇ ମାନସିକତା ଓ ପରିବର୍ତ୍ତନକୁ ଗ୍ରହଣ କରାନଯାଏ ତେବେ ଆମ୍ଭେମାନେ ଯେ ଏକ ଭୟାନକ ଉତ୍କଟ ପ୍ରଦୂଷଣର ଗର୍ତ୍ତ ଭିତରକୁ ଯାଉଛେ ଏହା ମନେରଖିବା ଉଚିତ । ଏହାକୁ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ, ସତର୍କ କରିପାରିଲେ ନିଜେ ସୁରକ୍ଷିତ ରହିପାରିବା ଏହାସହ ଆମ ଆସୁଥିବା ପିଢ଼ି ଓ ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ଜୀବଜଗତର ସୁରକ୍ଷା ହୋଇପାରିବ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ଦୂରଭାଷ: ୯୪୩୭୧୬୩୫୨୮

## ରାଜା ଓ ରାଜକର୍ମଚାରୀଙ୍କ ଅନ୍ଧାରୀ ବିଜେ ହେଉ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅନ୍ଧାରୀ ଅର୍ଥ ସାର୍ବଜନୀନ ନୁହେଁ ମାତ୍ର କିଛି ଜଣଙ୍କ ପାଇଁ ଉଦ୍ଦିଷ୍ଟ । ଆଜିକାଲି ରାଜବୁଦ୍ଧି ଲୋକଙ୍କୁ କର୍ମ ଯୋଗାଣ, ପାଠ ପଢ଼ି ସାରିଲେ ଲୋକେ ବେକାରୀ ଖାତାକୁ ଲୋକଙ୍କର ନାମ ଆସୁଛି । ଏପରି ସମସ୍ୟାକୁ ସମାଧାନ ପାଇଁ ସରକାର ଚିନ୍ତିତ ରହି କିଛି ଶିଳ୍ପ ଉଦ୍ୟୋଗଙ୍କୁ ପ୍ରୋତ୍ସାହିତ କରିବା ଦେଖାଯାଉଛି, ଏମାନେ ରାଜ ଅନିଗୃହିତ ହୋଇ ଆମ୍ବ ଦେଖାଇ ଆମ୍ବଡ଼ା ଚଖାଉଛନ୍ତି । ଉଚ୍ଚାରଣ ଫିଗର ଆଚରଣ ଫିଗର ମଧ୍ୟରେ ଅନେକ ତଫାତ । ପ୍ରାକୃତିକ ପରିବେଶ ଯେ କୌଣସି ସ୍ଥାନର ନଷ୍ଟ ନ ହେଲେ, କେବେ ହେଲେ ଏକ ନୂଆ ନିର୍ମାଣ ହୋଇନପାରେ । ଆଜି ଯେଉଁ ପାଣିପାଗ ସମସ୍ୟା ଅଦିନିଆ ବର୍ଷା, ବର୍ଷା ଦିନେ ଚାଷ ଜମିରୁ ଭୂମି ଫାଟୁଛି, ପାହାଡ଼ର ଓଜନଦାର ପଥରକୁ ସ୍ଥାନାନ୍ତର କରି ସେ ସ୍ଥାନ ହାଲକା କରାଯାଇ ଯେଉଁଠି ହାଲକା ଭୂମି ଥିଲା ସେଠାରେ ସ୍ଥାନାନ୍ତର ପଥରକୁ ଭାରାକ୍ରାନ୍ତ କରାଯାଉଛି । ସବୁଜ ସବୁଜିମା ବୃକ୍ଷରାଜୀ ଅଞ୍ଚଳକୁ ତଛନଛ କରି ଓଜନଦାର ନିର୍ମାଣ ଗୃହ, କାରଖାନା, ଚାଉଡା ପିଚୁରାସ୍ତା ବା ଢ଼ଳେଇ ରାସ୍ତା, କରାଯାଉଛି ଏସବୁରେ ପ୍ରାକୃତିକ ପରିବେଶକୁ ଧ୍ୱଂସ ବାରମ୍ବାର କରାଯାଉଛି । ଧାନ ଜମିରେ ପକ୍କା ଅନେକ ଚଉଡାଉଚ୍ଚ ରାସ୍ତା ଯହିଁରେ ଅନବରତ ଭାରୀଯାନ ଜୋର ଶବ୍ଦ ନାଦ ଭୂମିରେ କମ୍ପନକରି ପୁଣି ତାର ଇଞ୍ଜିନ ରବର ଚକା ଆଉ ଯାନର ଅଙ୍ଗର ତପ ବିକିରଣ ଚାଷ ଜମିର ତୃଣ ଜାତିର ଉଦ୍ଭିଦର ଉପରେ ପଡୁଛି ।

ଇଞ୍ଜିନରୁ ବାହାରିବା ବିଷାକ୍ତ ଖଣିଜ ତେଲର ପୋଡ଼ା ଧୂଆଁ ଓ ବତୀ କଳା ପାଉଁଶ ରାସ୍ତାର ଦୁଇ ପାଖ ଚାଷ ଜମିରେ ପଡୁଛି, ଏହାର କ୍ରିୟାର କୁପରିଣାମରେ ତାହାରି ମଧ୍ୟରେ ଶସ୍ୟ ଫଳ ଶାକସବଜି ଯାହାର ପରିପୃକ୍ତ ହେଉଛି ତାହା ପୂର୍ବ ପରି ମନୁଷ୍ୟ ଶରୀରରେ ବିକାର ଶୂନ୍ୟରେ କାର୍ଯ୍ୟ କରୁଛି କି ନାହିଁ? କିଏ ବୁଝିବ? ପ୍ରତି ବଡ଼ ଜନପଦ ଆଧୁନିକ ସହର ବଜାରର ଉଦ୍‌ବର୍ତ୍ତ, ଅଦରକରି, ମଇଳା, ଅସନା ଜଳ, ନୀଳ କରନାଳୀ ଦେଇ ମୁଖ୍ୟ ନାଳ ଦେଇ ପାଖ କେନାଲ ବା ନଦୀରେ ଛଡ଼ା ଯାଉଛି, କଳା କାରଖାନାର ପରିତ୍ୟକ୍ତ ପାଉଁଶ ଜଳ ଏପରି ପାଉଁଶ ପୋଖରୀ କରି ରଖାଯାଉଛି ପୁଣି ସେପରି ପାଖ ନଦୀରେ ଛଡ଼ା ଯାଉଛି । ପୁଣି ଜୀନ ଜାପାନ ପରି ବିକାଶଶୀଳ ଦେଶମାନେ ସିଧା କଳକାରଖାନା ରାସାୟନିକ ଔଷଧ ରସଶାଳା ଶିଳ୍ପ ମାନଙ୍କର ଜଳକୁ ସିଧା ପାଖ ସମୁଦ୍ରକୁ ଛାଡ଼ୁଛନ୍ତି । ପୁଣି ପ୍ରତ୍ୟେ ଧନାଢ଼୍ୟ ବିକଶିତ ଦେଶମାନେ ତାଙ୍କ ଅଧିକାର ଥିବା ଦେଶ ପାଖ ଦ୍ୱୀପ ମାନଙ୍କରେ ଯୁଦ୍ଧ ଅସ୍ତ୍ର ନିର୍ମାଣ ପରୀକ୍ଷା କରିବା ବୁଝା ପଡୁଛି । ମନୁଷ୍ୟ ପାଇଁ ଆବଶ୍ୟକ ଜାନ୍ତବ ପୃଷ୍ଟି ସାର ଖାଦ୍ୟ ଜଳଜୀବଙ୍କ ଠାରୁ ପ୍ରାପ୍ତ ବୃକ୍ଷଲତା ଫଳ ମଞ୍ଜି କୃଷିଜାତ ପୃଷ୍ଟିସାର ଠାରୁ ଅପେକ୍ଷାକୃତ ଶସ୍ତାରେ ମିଳିଥାଏ । ବଡ଼ ସମସ୍ୟା ଏ ସମୟରେ କଳକାରଖାନା କାରଣରୁ ବାୟୁ ମଣ୍ଡଳ ଦୂଷିତକୁ ନଦୀ ସାଗର ଜଳ ଦୂଷିତ । ଏହାରି ସମ୍ବନ୍ଧରେ ଗଛ, ମାଛ ବିଷାକ୍ତ ପରିବେଶ ସଂସ୍ପର୍ଶରେ ଆସି ବିଷାକ୍ତ ହୋଇଯାଉଛନ୍ତି । ଯାହାକୁ ଖାଇ ବିଭିନ୍ନ ରୋଗ ମନୁଷ୍ୟକୁ ଆକ୍ରାନ୍ତ କରୁଛି । ମାନବଦେହରେ ରୋଗ ପ୍ରତିରୋଧ ଶକ୍ତି କମିଯାଉଛି । ମୁନଫାଖୋର ମାନେ ଶସ୍ତା ଲୋକପ୍ରିୟ ହେବା ପାଇଁ ଦ୍ରବ୍ୟାଦି ପଣ୍ୟରେ ଭେଜାଲ କରୁଛନ୍ତି । ଯାହା ଉପଭୋକ୍ତାମାନେ ଜଟିଳ ଅର୍ଥ କଷ୍ଟକୁ ସାଙ୍ଘାତିକ ରୋଗ ଭୋଗ ଦିଗକୁ ଭିଡ଼ି ହେଉଛନ୍ତି । ରନ୍ଧନ ଗ୍ୟାସର ବ୍ୟବହାର ଯେବେଠାରୁ ବେଶୀ ଲୋକଙ୍କ ରୋଷେଇ ଘରକୁ ଆସିଗଲା ଲୋକଙ୍କ ଜାଳେଣି କାଠ ସମସ୍ୟା ଚାଲିଗଲାଣି ।

ଏହାସହ ଜଳେଣି କାଠ ଗଛ ଲଗାଇ ପରପର ଉତାରିବା କ୍ରୟ ବିଲୁପ୍ତ ହୋଇଛି, ଲୋକେ ଗଛର ଶୁଖିଲା ପତ୍ର କୁଟା କାଠି ସଂଗ୍ରହ ବନ୍ଦ କରିଦେଲେ । କାଠ ପତ୍ରର ଜଳେଣି ପାଉଁଶ ଚୁଲିରୁ ବାହାରିବା ବନ୍ଦ, ପାଉଁଶ ଗଡ଼ା ନାହିଁ ଖତ ଆଉ କାହୁଁ ମିଳିବ ଧାନ କ୍ଷେତ୍ରକୁ ଖତ ଯିବା ଦୁର୍ଲ୍ଲଭ ଦୃଶ୍ୟ ସମସ୍ୟା ରାସାୟନିକ ସାର ମାଟିକୁ ବାରମ୍ବାର ଖାରୀ କରି ଚାଲିଛି ଏଣେ ବଳଦ ଗୋରୁ ଗାଈ ବିଲୋପ ଗାଁ ଗହଳିରେ ଦେଖିବାକୁ ମିଳୁଛି ନା ଅଛି ଗୋରୁ ମୁତ ନା ଅଛି ଗୋବର । ଘଷି ଗୁଣ୍ଡା, ଘଷି ଘୁଁଟିଆ, ଦୁର୍ଲ୍ଲଭ ଘଷି ପାଉଁଶ, ଗୋବର, ଚନୀ, କ୍ଷେତକୁ ଯାଉ ନାହିଁ । ଏଥିରେ ଜମି ଉର୍ବରା କେମିତି ହେବ? ପୁଞ୍ଜିପତିଙ୍କ ସାର କାରଖାନା, ବିଷ ଔଷଧ କାରଖାନା ଲଙ୍ଗଳ ଚାଷ ବୁଡ଼ା ପଦ୍ଧତିକୁ ପୁଞ୍ଜିପତିଙ୍କ ଟ୍ରାକ୍ଟର ପାୱାର ଟିଲାର, ଧାନ ରୁଆ, ଅମଳ ଯନ୍ତ୍ରଗୁଡ଼ିକର କାରଖାନା ମାଲିକ ବଣିକ ଏବେ ଲାଲେଲାଲ । ଏପରି ଅନେକ ଦୃଶ୍ୟ ହୁଏତ ଦୁର୍ଯ୍ୟୋଧନ ଦୁଃଶାସନ ପାଇଁ ରବର ଷ୍ଟାମ୍ପ ମରା ଧୃତରାଷ୍ଟ୍ରଙ୍କୁ ଗୋଚର ହେଉ ନାହିଁ । ପଞ୍ଚମହାଭୂତ ହିଁ ପଞ୍ଚ ପାଣ୍ଡବ । ତାଙ୍କର ପ୍ରିୟା ପାଞ୍ଚାଳୀ ଆଜି ପ୍ରକାଶ୍ୟରେ ଉଲ୍ଲଗ୍ନ ହେଉଛନ୍ତି । ପାଞ୍ଚାଳୀ ଅର୍ଥ ଏଠାରେ ପଞ୍ଚ ମହାଭୂତ ଦ୍ୱାରା ଶୋଭାୟମାନ ପ୍ରକୃତି ପ୍ରାକୃତିକ ପରିବେଶ ।

ସମ୍ପାଦକ \"ନିୟତି\' ଅରୁଣୋଦୟ ନଗର,
କଟକ, ଦୂରଭାଷ: ୯୪୩୭୦୩୧୨୫୩

# ପରିଗଣନା ଫର୍ମ ବାଣ୍ଟିଲେ ଉପଜିଲ୍ଲାପାଳ

## 'ଏସ ଆଇଆର' କୁ ନେଇ ବାଲିଗୁଡାବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ

ବାଲିଗୁଡା, (ରା.ରି): କନ୍ଧମାଳ ଜିଲ୍ଲାରେ ଆଜିଠୁ ପରିଗଣନା ଫର୍ମ ବଣ୍ଟନ ଆରମ୍ଭ ହୋଇଛି । ସ୍ଥାନୀୟ ବିଏଲ ଓ ଉପଜିଲ୍ଲାପାଳ ତଥା ଉପଖଣ୍ଡ ନିର୍ବାଚନ



ଅଧୀକାରୀ ଶ୍ରୀମତୀ ପ୍ରଣୀତା ଙ୍କୁ ପରିଗଣନା ଫର୍ମ ପ୍ରଦାନ କରିଥିଲେ । ଉପ ଜିଲ୍ଲାପାଳ ତାକୁ ଗ୍ରହଣ କରିବା ସହିତ ବାଲିଗୁଡା ସହରର ବିଭିନ୍ନ ଅଞ୍ଚଳକୁ ଯାଇ ପରିଗଣନା ଫର୍ମ ବଣ୍ଟନ କରି ବିଏଲଓ ଏବଂ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ । ଉପ ଜିଲ୍ଲାପାଳ ଏସ ଆଇ ଆର ସମ୍ପର୍କିତ ପ୍ରତିକ୍ରିୟାରେ କହିଛନ୍ତି ଯେ, ଶନିବାର ଠାରୁ ଆରମ୍ଭ ହୋଇଥିବା ଜିଲ୍ଲାର ସମସ୍ତ ଅଞ୍ଚଳରେ ପରିଗଣନା ଫର୍ମ ବଣ୍ଟନ ଆସନ୍ତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ଅଭିଯାନରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ପ୍ରତ୍ୟେକ ଘରକୁ ଯାଇ ଭୋଟରମାନଙ୍କୁ ପରିଗଣନା ଫର୍ମ ବାଣ୍ଟିବେ । ଏହି ଫର୍ମରେ ଭୋଟରଙ୍କ ପୁରୁଣା ତଥ୍ୟ ସହ ଏକ ନୂତନ ଫଟୋଗ୍ରାଫ୍ ଲଗାଇବା ପାଇଁ ସ୍ଥାନ ରହିଛି । ଭୋଟର ମାନେ ନିଜର ଏବଂ ନିଜ ପରିବାର ସଦସ୍ୟଙ୍କ ସଠିକ୍ ବିବରଣୀ ଯେପରିକି- ଜନ୍ମ ତାରିଖ, ଆଧାର ନମ୍ବର, ମୋବାଇଲ୍ ନମ୍ବର ଏବଂ ଭୋଟର କ୍ରମିକ ନମ୍ବର ଆଦି ପୂରଣ କରିବେ । କୌଣସି ସନ୍ଦେହ ଉପୁଜିଲେ, ଫର୍ମରେ ଉଲ୍ଲେଖ ଥିବା ବିଏଲ୍ଓଙ୍କ ମୋବାଇଲ୍ ନମ୍ବରରେ ଲୋକେ ସିଧାସଳଖ ଯୋଗାଯୋଗ କରିପାରିବେ । ଫର୍ମ ବାଣ୍ଟିବାର କିଛି ଦିନ ପରେ ବିଏଲ୍ଓମାନେ ପୁଣିଥରେ ଘରକୁ ଆସି ପୂରଣ ହୋଇଥିବା ଫର୍ମଗୁଡ଼ିକୁ ସଂଗ୍ରହ କରିବେ । ଏଥିସହିତ ସେମାନେ ଦୁଇଟି ଫର୍ମରୁ ଗୋଟିଏ ନିଜ ସହ ନେବେ ଏବଂ ନାଗରିକମାନଙ୍କୁ ପ୍ରମାଣ ସ୍ୱରୂପ ଅନ୍ୟ ଫର୍ମ ଦସ୍ତଖତ କରି ପ୍ରଦାନ କରିବେ । ଭୋଟର ତାଲିକାରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ଏବଂ ଅଯୋଗ୍ୟଙ୍କ ନାମ ହଟାଇବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଯେଉଁମାନେ ବାହାରେ ରହୁଛନ୍ତି କିମ୍ବା ଅଫଲାଇନରେ ଫର୍ମ ପୂରଣ କରିପାରିବେ ନାହିଁ, ସେମାନେ (voters.eci.gov.in) ଜରିଆରେ ଅନଲାଇନ୍ ମାଧ୍ୟମରେ ନିଜର ଆବେଦନ ଦାଖଲ କରିପାରିବେ, ଯାହାକୁ ପରେ ବିଏଓ ଏବଂ ଇଆରଓ ଯାଞ୍ଚ କରିବେ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ସଫଳ କରିବା ନିମନ୍ତେ ବିଏଓ ଏବଂ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ବାଲିଗୁଡା ବାସୀଙ୍କୁ ଉପ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

# ଲୋକଭବନରେ ଦୁଇ ଦିନିଆ କୁଳପତି ସମ୍ମିଳନୀ ଆରମ୍ଭ




ଭୁବନେଶ୍ୱର, (ରା.ରି): ଭାରତୀୟ ମୂଲ୍ୟବୋଧକୁ ଭିତ୍ତିକରି ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ରବିବାର ଦିନ ଲୋକଭବନଠାରେ ଆୟୋଜିତ ଦୁଇ ଦିନିଆ କୁଳପତି ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇବା ସହିତ ବିଶ୍ୱବିଦ୍ୟାଳୟଗୁଡିକୁ ସାମାଜିକ ଦାୟିତ୍ୱବାନ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ପ୍ରତିଷ୍ଠାନରେ ପରିଣତ କରିବାକୁ ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଏକ ଆତ୍ମନିର୍ଭର ଭାରତ ଗଠନ ଏବଂ ଭବିଷ୍ୟତର ଆହ୍ୱାନ ପାଇଁ ରାଜ୍ୟକୁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ ବୋଲି ମଧ୍ୟ ରାଜ୍ୟପାଳ କହିଛନ୍ତି ।
ଲୋକଭବନର ନ୍ୟୁ ଅଭିଷେକ ହଲରେ ଆୟୋଜିତ ଏହି ଦୁଇଦିନିଆ କୁଳପତି ସମ୍ମିଳନୀରେ ରାଜ୍ୟର ସରକାରୀ ଏବଂ ଘରୋଇ ବିଶ୍ୱବିଦ୍ୟାଳୟର କୁଳପତିମାନେ ଯୋଗ ଦେଇଛନ୍ତି । ଏହି ସମାବେଶକୁ ଓଡ଼ିଶାରେ ଉଚ୍ଚଶିକ୍ଷାର ଭବିଷ୍ୟତ ଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମୂହିକ ପ୍ରୟାସ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମାନ୍ୟବର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ ଯୋଗ ଦେଇଛନ୍ତି । ଏହି ଅବସରରେ କୁଳପତିମାନଙ୍କୁ ସ୍ୱାଗତ ଜଣାଇ ରାଜ୍ୟପାଳ କହିଥିଲେ ଯେ ବିଶ୍ୱବିଦ୍ୟାଳୟଗୁଡ଼ିକ ଜ୍ଞାନ, ନବସୃଜନ ଏବଂ ନେତୃତ୍ୱର କେନ୍ଦ୍ର ଏବଂ ରାଷ୍ଟ୍ର ନିର୍ମାଣରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ଦ୍ରୁତ ବୈଷୟିକ ପ୍ରଗତି ଏବଂ ବିଭିନ୍ନ ଆହ୍ୱାନ ମଧ୍ୟରେ ବିଶ୍ୱ ଅଭୂତପୂର୍ବ ପରିବର୍ତ୍ତନ ଦେଇ ଗତି କରୁଥିବା ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକୀୟ ଜ୍ଞାନ, ଦକ୍ଷତା ଏବଂ ମୂଲ୍ୟବୋଧ ସହିତ ଏକ ଜଟିଳ ଭବିଷ୍ୟତକୁ ସମ୍ମୁଖୀନ କରିବା ପାଇଁ ଗଢ଼ି ତୋଳିବା ଉଚିତ । ଏତଦବ୍ୟତୀତ ରାଜ୍ୟପାଳ କହିଥିଲେ ଯେ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ଅର୍ଥନୈତିକ ସ୍ୱାବଲମ୍ବନଠାରୁ ଅଧିକ ଏବଂ ନବସୃଜନ, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ସ୍ୱାସ୍ଥ୍ୟସେବା, ଶକ୍ତି ଏବଂ ଶିକ୍ଷା ସହିତ ଅନ୍ତର୍ଭୁକ୍ତ । ଏ ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଉଦ୍ୟମିତା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା, ସମାଜରେ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ । ଜାତୀୟ ଶିକ୍ଷା ନୀତି (NEP) ୨୦୨୦ ର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଏହି ନୀତି ବହୁମୁଖୀ ଶିକ୍ଷା, ଶୈକ୍ଷିକ ନମନୀୟତା, ଦକ୍ଷତା ସମନ୍ୱୟ, ଡିଜିଟାଲ୍ ଶିକ୍ଷା, ଗବେଷଣା ଉତ୍କର୍ଷତା ଏବଂ ଦୃଢ଼ ଶିଳ୍ପ ସହଭାଗୀତାକୁ ପ୍ରୋତ୍ସାହିତ କରୁଛି ।

# ସଫଳତାର ଶୀର୍ଷରେ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ

## ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆଦିବାସୀ ଶିକ୍ଷାକୁ ଗୌରବ ଆଣିଲେ ଛାତ୍ରଛାତ୍ରୀ





ଭୁବନେଶ୍ୱର, (ରା.ରି): ଓଡ଼ିଶାର ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟର (EMRS) ସଫଳତାରେ ଯୋଡିହେଇଛି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ପରିବର୍ତ୍ତନଶୀଳ ପ୍ରଭାବକୁ ପ୍ରଦର୍ଶନ କରି ଚଳିତ ଓଡ଼ିଶା ଲୋକସେବା ଆୟୋଗ (OPSC) ର ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଏହି ଅନୁଷ୍ଠାନର ତିନି ଜଣ ପୂର୍ବତନ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ।
କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ, ନୂଆଗାଁ ଗ୍ରାମର ଗଣ୍ଡ ଜନଜାତିର ସୁଶ୍ରୀ ନୀଳିମା କୁମାରୀ ନାୟକ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ୧୯୪ତମ ରାଙ୍କ୍ ହାସଲ କରିଛନ୍ତି । କେନ୍ଦୁଝରର EMRS ରାଙ୍କିର ପୂର୍ବତନ ଛାତ୍ରୀ, ନୀଳିମା ୨୦୧୭ରେ ଏହି ଅନୁଷ୍ଠାନରୁ ତାଙ୍କର ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ କରିଥିଲେ । ବର୍ତ୍ତମାନ ସହକାରୀ ଶ୍ରମ ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ନିଳିମା, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଶ୍ରୀ ମାୟାଧର ନାୟକ ଏବଂ ମାଟ୍ରନ୍ ଶ୍ରୀମତୀ ହୀରାମଣୀ ନାୟକଙ୍କ ଝିଅ । ତାଙ୍କର ଏହି ଅସାଧାରଣ ସଫଳତା ସମଗ୍ର ରାଜ୍ୟରେ ଆଦିବାସୀ ଯୁବକମାନଙ୍କ ପାଇଁ ଏକ ପ୍ରେରଣା ସ୍ୱରୂପ ପାଲଟିଛି ।
ସେହିପରି ଆଉ ଜଣେ ଗର୍ବିତ କୃତିତ୍ୱ ହାସଲକାରୀ ହେଉଛନ୍ତି କେନ୍ଦୁଝର ଜିଲ୍ଲା ପଞ୍ଚୁଗୋଛିଆ ଗ୍ରାମ ସାନ୍ତାଳ ଜନଜାତିର କୃଷ୍ଣ ଚନ୍ଦ୍ର ହେମ୍ବ୍ରମ । ସେ ୨୦୧୭ ମସିହାରେ ଯାଜପୁର ଅନ୍ତର୍ଗତ EMRS ରାମପିଲୋରୁ ଦଶମ ଶ୍ରେଣୀ ପାସ୍ କରିଥିଲେ । ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ୧୮୫ତମ ରାଙ୍କ୍ ହାସଲ କରିଛନ୍ତି । ବର୍ତ୍ତମାନ EMRS ଭବାନୀପୁରରେ TGT (ସାମାଜିକ ଅଧ୍ୟୟନ) ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା କୃଷ୍ଣ, ତାଙ୍କ ପିତାମାତା ସ୍ୱର୍ଗତ କୁଳମଣି ହେମ୍ବ୍ରମ ଏବଂ ସ୍ୱର୍ଗତ ଜାବା ହେମ୍ବ୍ରମଙ୍କୁ ହରାଇ ଜୀବନର ଅନେକ ବ୍ୟକ୍ତିଗତ କଷ୍ଟକୁ ଦୂର କରି ସଫଳ ହୋଇଛନ୍ତି । ଏହି କୃତିତ୍ୱ ତାଙ୍କର ଦୃଢ଼ତା, ସଂଘର୍ଷ ଏବଂ ସମର୍ପଣକୁ ପ୍ରତିଫଳିତ କରୁଛି ।
ଏଥିସହିତ, ନବରଙ୍ଗପୁର ଜିଲ୍ଲା ସାନବାର୍ଲି ଗ୍ରାମର ଭତ୍ରା ଜନଜାତିର କେଶବ ମାଝୀ ମଧ୍ୟ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ୧୮୨ତମ ରାଙ୍କ୍ ହାସଲ କରି ସଫଳତା ପାଇଛନ୍ତି । ୨୦୧୭ ମସିହାରେ ନବରଙ୍ଗପୁରର EMRS ହିର୍ଲିରୁ ପାସ୍ କରି କେଶବ ବର୍ତ୍ତମାନ ଜଣେ ଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି । ଏକ ସାଧାରଣ ଚାଷୀ ପରିବାରରେ ଜନ୍ମଗ୍ରହଣ କରି ସେ ଆଜି ଗ୍ରାମୀଣ ଏବଂ ଆଦିବାସୀ ପୃଷ୍ଠଭୂମିର ଛାତ୍ରମାନଙ୍କ ପାଇଁ ଏକ ଆଦର୍ଶ ଭାବରେ ଉଭା ହୋଇଛନ୍ତି ।
ଏହି ସମସ୍ତ ପୂର୍ବତନ ଛାତ୍ରଛାତ୍ରୀଙ୍କ ଅସାଧାରଣ କୃତିତ୍ୱ ପ୍ରମାଣିତ କରିଛି ଯେ, ଉପାନ୍ତ ଅଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ଓ ପ୍ରଶାସନିକ ସେବା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ସଶକ୍ତ କରିବାରେ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ବ୍ୟବସ୍ଥା ଏକ ପ୍ରମୁଖ ଓ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି ।

# ରଣପୁରରେ ୪୦୦ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ରଣପୁର(ରା.ରି): ନୟାଗଡ଼ ଜିଲ୍ଲା ରଣପୁର ଅବକାରୀ ଥାନା ଅଞ୍ଚଳରେ ବ୍ରାଉନ ସୁଗାର କବଳରେ ଯୁବ ଗୋଷ୍ଠୀ ଉବୁଟୁବୁ ହୋଇ ପଥଭ୍ରଷ୍ଟ ହେଉଥିବା ଅଭିଯୋଗ ହେଉଛି । ଚା ଦୋକାନ ଠାରୁ ପାନ ଦୋକାନ ପର୍ଯ୍ୟନ୍ତ ସବୁଠାରେ ବ୍ରାଉନ ସୁଗାର ବିକ୍ରୟ ଚାଲିଛି । ରଣପୁର ଅବକାରୀ ଥାନା ସବୁ ଜାଣି କର୍ମଚାରୀ ଅଭାବ ଆଳ ଦେଖାଇ ଅଫିସ ରେ ତାଲା ଝୁଲାଇ ଭଡା ଘରେ ଶୋଇ ରହୁଥିବା ଅଭିଯୋଗ ହେଉଛି । କେନ୍ଦ୍ରାଞ୍ଚଳ ଅବକାରୀ ସ୍କ୍ୱାର୍ଡ ରଣପୁର ଅଞ୍ଚଳରେ ବ୍ରାଉନ ସୁଗାର ଧରିବା ଦ୍ୱାରା ରଣପୁର ଅବକାରୀ ଥାନାର କାର୍ଯ୍ୟକାରିତା ନେଇ ସନ୍ଦେହ ପ୍ରକଟ ହେଉଛି । ରଣପୁର ମୟୂରଝାଲିଆ ବ୍ରାଉନ ସୁଗାରର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ କେନ୍ଦ୍ରାଞ୍ଚଳ ଅବକାରୀ ସ୍କ୍ୱାର୍ଡ ମେ ୩୧ ତାରିଖ ସକାଳୁ ମୟୂରଝାଲିଆ ବଜାର ନିକଟ ସଚିନ ପ୍ରଧାନ ୨୨) ଙ୍କ ଘରେ ଚଢ଼ାଉ କରି ୪୦୦ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ସଚିନଙ୍କୁ ଗିରଫ କରି ନିଜ ହେପାଜତକୁ ନେଇଥିବା ଜଣା ପଡିଛି ।

# ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ' ଶୁଣିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ରା.ରି): ରବିବାର ଦିନ ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ବିଭିନ୍ନ ବିଭାଗର ମାନ୍ୟବର ମନ୍ତ୍ରୀ, ରାଜ୍ୟର ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳରେ କୁଳପତିମାନେ ଲୋକ ଭବନର ନ୍ୟୁଅଭିଷେକ ହଲରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ' କାର୍ଯ୍ୟକ୍ରମ ଶୁଣିଛନ୍ତି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ




ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।
କାର୍ଯ୍ୟକ୍ରମ ସମୟରେ, ମାନ୍ୟବର ପ୍ରଧାନମନ୍ତ୍ରୀ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି, ଜଳ ସଂରକ୍ଷଣ, ଭାରତର କ୍ରୀଡା ସଫଳତା, ସାଂସ୍କୃତିକ ଐତିହ୍ୟ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ତଥା ବିଭିନ୍ନ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରାଜ୍ୟର ରାଜନୈତିକ ନେତୃତ୍ୱ, ପ୍ରଶାସକ ଏବଂ ଶିକ୍ଷାବିତଙ୍କୁ ଏକାଠି କରିଥିଲା । ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ଏବଂ ପଦକ୍ଷେପକୁ ପ୍ରତିଫଳିତ କରିଥିଲା ।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର, (ରା.ରି): ସୂଚନା ଓ ଲୋକସମ୍ପର୍କ ବିଭାଗର ଫିଲ୍ମ ଲାଇବ୍ରେରିଆନ୍ ଶ୍ରୀ ସୁଶାନ୍ତ କୁମାର ପାଢ଼ୀଙ୍କୁ ଆଜି ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅନୁଜ କୁମାର ଦାସ ପଟ୍ଟନାୟକ ଅଧ୍ୟକ୍ଷତା କରି ଶ୍ରୀ ପାଢ଼ୀଙ୍କ ଦୀର୍ଘ ୩୫ ବର୍ଷରୁ ଅଧିକ ସେବାଜୀବନ ଏବଂ ବିଭାଗ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଥିଲେ । ୧୯୯୦ ମସିହାରେ ସରକାରୀ ସେବାରେ ଯୋଗଦାନ କରିଥିବା ଶ୍ରୀ ପାଢ଼ୀ କର୍ମନିଷ୍ଠା, ଦାୟିତ୍ୱବୋଧ ଓ ସରଳ ବ୍ୟକ୍ତିତ୍ୱ ପାଇଁ ସମସ୍ତଙ୍କ ନିକଟରେ ପ୍ରିୟ ଥିଲେ ବୋଲି ସେ କହିଥିଲେ । ସେ ଶ୍ରୀ ପାଢ଼ୀଙ୍କ ସୁସ୍ଥ, ସୁଖମୟ ଓ ନିରାମୟ ଅବସରଜୀବନ କାମନା କରିଥିଲେ ।
ଉପ ଶାସନ ସଚିବ ଶ୍ରୀ ପ୍ରଣବ କୁମାର ଦାସ ଶ୍ରୀ ପାଢ଼ୀଙ୍କ ଦୀର୍ଘ ବର୍ଷର ଅନୁଭବ, କାର୍ଯ୍ୟଦକ୍ଷତା ଏବଂ ବିଭାଗର ଫିଲ୍ମ ଓ ଅଡିଓ-ଭିଜୁଆଲ୍ ସମ୍ପଦର ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଅବଦାନକୁ ପ୍ରଶଂସା କରିଥିଲେ । ଶ୍ରୀ ସୁଶାନ୍ତ କୁମାର ପାଢ଼ୀ ତାଙ୍କର ଦୀର୍ଘ ଚାକିରି ଜୀବନର ଅନୁଭବ ବଖାଣିବା ସହ ବିଭାଗର ସମସ୍ତ ଅଧିକାରୀ ଓ ସହକର୍ମୀମାନଙ୍କ ସହଯୋଗ, ସମର୍ଥନ ଓ ସ୍ନେହ ପାଇଁ କୃତଜ୍ଞତା ଜଣାଇଥିଲେ ।
ଶେଷରେ ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ଓ ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ବେହୁରିଆ ଶ୍ରୀ ପାଢ଼ୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଏହି ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ ।



# ଏବିପିଏମଜେଏୱାଇର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବେସରକାରୀ ହସ୍ପିଟାଲ ପ୍ରତିନିଧିଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, (ରା.ରି): "ରୋଗୀ ହସ୍ପିଟାଲରେ ଆଡମିଟ୍ ହେବାର ୩ ଦିନ ପୂର୍ବରୁ ମେଡିକାଲ୍ ପରୀକ୍ଷା ଆୟୁଷ୍ମାନ କାର୍ଡରେ ହେବ । ଆଡମିଟ ହେବାର ୩ ଦିନ ପୂର୍ବରୁ ଟେଷ୍ଟ ହେଲେ ତାହା ଆୟୁଷ୍ମାନ ହସ୍ପିଟାଲର ସୁନାମ ବଢିବ । ବୈଠକରେ ଯୋଜନା ଅଧୀନରେ ରୋଗୀମାନଙ୍କୁ ଗୁଣାତ୍ମକ ଏବଂ କ୍ୟାଶଲେସ୍ ଚିକିତ୍ସା ସେବା ନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ମାନ୍ୟବର



ପ୍ୟାକେଜରୁ ବହନ କରାଯିବ । ଗାଇଡ୍‌ଲାଇନ୍ ଅମାନ୍ୟ କଲେ ସମ୍ପୃକ୍ତ ହସ୍ପିଟାଲ୍ ବିରୋଧରେ ଆକ୍ସନ ନିଆଯିବ" ବୋଲି କହିଛନ୍ତି ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା – ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବୈଠକରେ ଉପସ୍ଥିତ ସମସ୍ତ ତାଲିକାଭୁକ୍ତ ବେସରକାରୀ ହସ୍ପିଟାଲକୁ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ମନ୍ତ୍ରୀ ଡ଼. ମହାଲିଙ୍ଗ । ଆୟୁଷ୍ମାନ ଯୋଜନାର ହିତାଧିକାରୀଙ୍କୁ ଭଲ ବ୍ୟବହାର ଓ ଆତିଥ୍ୟ ପ୍ରଦାନ ପୂର୍ବକ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ସମସ୍ତ ବେସରକାରୀ ହସ୍ପିଟାଲଗୁଡିକୁ ମାନ୍ୟବର ମନ୍ତ୍ରୀ କହିଛନ୍ତି । ମେଡିକାଲକୁ ଆସୁଥିବା ଅଧିକ ପ୍ରତିଶତ ଲୋକ ଆୟୁଷ୍ମାନ ଯୋଜନା ହିତାଧିକାରୀ । ସେମାନଙ୍କ ସୁବିଧା ପାଇଁ ହେଲ୍ପ ଡେସ୍କ କରିବାକୁ ସମସ୍ତ ମେଡିକାଲକୁ କହିଥିଲେ । ସାହାଯ୍ୟପୂର୍ଣ୍ଣ ପରିବେଶରେ ଚିକିତ୍ସା ପାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର କୋଟି କୋଟି ଲୋକ ଉପକୃତ ହେଉଛନ୍ତି । ତେଣୁ ଯୋଜନାର ସଫଳତା ପାଇଁ ହସ୍ପିଟାଲମାନଙ୍କ ସହଯୋଗ ଅତ୍ୟାବଶ୍ୟକ । ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆସୁଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ସମ୍ମାନଜନକ ଓ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସେ ସମସ୍ତ ହସ୍ପିଟାଲକୁ ଆହ୍ୱାନ କରିଛନ୍ତି । ବେସରକାରୀ ହସ୍ପିଟାଲ ପ୍ରତିନିଧିମାନେ ଯୋଜନା କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ବିଭିନ୍ନ ଅଭିଜ୍ଞତା, ସମସ୍ୟା ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ସରକାରଙ୍କ ପକ୍ଷରୁ ସେ ଦିଗଗୁଡିକ ଉପରେ ଆଲୋଚନା ହେବ ବୋଲି କୁହାଯାଇଛି । ବୈଠକରେ ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିଶନର ଅଶ୍ୱତୀ ଏସ. , ଜାତୀୟ ସ୍ୱାସ୍ଥ୍ୟ ମିସନ ଏମ ଡି ଡ଼. ବୃନ୍ଦା ଡ଼ି, ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ବେସରକାରୀ ହସ୍ପିଟାଲର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ପାଇକ ଖଣ୍ଡାୟତ ସମାଜ ଗଠନ ପାଇଁ ସାଧାରଣ ବୈଠକ

ବାଲିଗୁଡା, (ରା.ରି): ଶ୍ରୀଜଗନ୍ନାଥ ପାଇକ ଖଣ୍ଡାୟତ କୁଳ ସମାଜ କନ୍ଧମାଳ ର ନିର୍ଦ୍ଦେଶ କ୍ରମେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ରେ କୁଳ



ସମାଜ ଗଠନ ପାଇଁ ପ୍ରଥମ ବୈଠକ ସ୍ଥାନୀୟ ମାଁ ବରାଳ ଦେବୀ ମନ୍ଦିର ପ୍ରାଙ୍ଗଣ ରେ ମୃତ୍ୟୁଞ୍ଜୟ ପ୍ରଧାନୀ ଙ୍କ ଆବାହନ କ୍ରମେ ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ଦଳବେହେରା ଙ୍କ ଉପସ୍ଥିତି ରେ କୁଳ ସମାଜ ର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ଙ୍କ ଫୋଟ ଚିତ୍ରରେ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ପୁଷ୍ପ ମାଲ୍ୟାର୍ପଣ କରି ଅନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ । ବାଲିଗୁଡା ସହର ର ଶତାଧିକ ପାଇକ ଖଣ୍ଡାୟତ ଭାଇ ଙ୍କ ଉପସ୍ଥିତ ରେ ଆୟୋଜିତ ଉକ୍ତ ସଭାରେ ସମ୍ପାଦକ ଶ୍ରୀକାନ୍ତ ଦଳ ବେହେରା ନିଜ ବକ୍ତବ୍ୟ ରେ ଯୁବଶକ୍ତି କୁ ସଂସ୍କାର ଶିକ୍ଷା, ନାରୀ ଶିକ୍ଷା, ପାରିବାରିକ ସର୍ଭେ ସମ୍ବନ୍ଧରେ ଆଲୋଚନା କରି ବୁଝାଇଥିଲେ । ଆଗାମୀ ଜୁନ୍ ୧୦ ତାରିଖ ରେ ନୂତନ କମିଟି ଗଠନ ସହ କାର୍ଯ୍ୟକର୍ତ୍ତା ଚୟନ ପ୍ରକ୍ରିୟା ଓ ଜୁନ ମାସ ଶେଷ ସପ୍ତାହ ରେ ବାରଖମାରେ ପାଇକ ଖଣ୍ଡାୟତର ଏକ ମହା ସମ୍ମିଳନୀ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି ।

# ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ରା.ରି): ରାଜ୍ୟରେ ଉଚ୍ଚ ମାନର କୋଠାବାଡ଼ି, ରାସ୍ତା ଓ ସେତୁ ସହ ଭିତ୍ତିଭୂମି ନିର୍ମାଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି । ନିର୍ମାଣ କ୍ଷେତ୍ରରେ ଗୁଣଯୁକ୍ତ ସାମଗ୍ରୀର ବ୍ୟବହାର ଭିତ୍ତିଭୂମିର ସ୍ଥାୟିତ୍ୱକୁ ବୃଦ୍ଧି କରିଥାଏ । ଅନ୍ୟ ପକ୍ଷରେ ନିର୍ମାଣ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ପ୍ରକଳ୍ପର ସ୍ୱଚ୍ଛତା ଓ ନିର୍ମାଣ ପ୍ରକ୍ରିୟାକୁ ତ୍ୱରିତ ଗତିରେ ଆଗକୁ ନେବା ସହ ସରକାରୀ ଅର୍ଥର ସଠିକ୍ ଉପଯୋଗକୁ ପ୍ରୋତ୍ସାହିତ କରିଥାଏ । ଏହାକୁ ଲକ୍ଷ୍ୟ ରଖି ଆଜି ନିର୍ମାଣ ବିଭାଗ




ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ନିର୍ମାଣ ବିଭାଗ, କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ରାଜ୍ୟ ଶ୍ରମ ଆୟୋଗ, ଓଡ଼ିଶା ବନ ଉନ୍ନୟନ କର୍ପୋରେସନ୍, ଆଇଓସିଏଲ୍, ଏଚ୍‌ପିସିଏଲ୍, ବିପିସିଏଲ୍ ଆଦି ପକ୍ଷରୁ ଜାରି ବିଜ୍ଞପ୍ତି ଓ ମୂଲ୍ୟକୁ ତର୍ଜମା କରି ରାଜ୍ୟରେ ଯେଭଳି ସଠିକ୍ ଏବଂ ସର୍ବଶ୍ରେଷ୍ଠ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ କରାଯିବ, ସେଥିନେଇ ଆଲୋଚନା ହୋଇଥିଲା । ଏଥିରେ ବାଲି, ଗୋଡ଼ି, ସିମେଣ୍ଟ, ଇଟା, ପିଚୁ ଠାରୁ ଆରମ୍ଭ କରି ବୈଦ୍ୟୁତିକ ସାମଗ୍ରୀ, ଫର୍ଣ୍ଣିଚର ଏବଂ କୋଠାବାଡ଼ି, ରାସ୍ତା, ସେତୁ ଆଦିର ନିର୍ମାଣରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ ଏ ସମ୍ପର୍କିତ ପ୍ରକ୍ରିୟା ଅବଲମ୍ବନ ନେଇ ଆଲୋଚନା ହୋଇଥିଲା ।

# ଯୁବବର୍ଗ ହେଉଛନ୍ତି ପରିବର୍ତ୍ତନର ପ୍ରମୁଖ ବାହକ: ରାଜ୍ୟପାଳ

ଭୁବନେଶ୍ୱର(ରା.ରି): ଯୁବବର୍ଗ ହେଉଛନ୍ତି ପରିବର୍ତ୍ତନର ପ୍ରମୁଖ ବାହକ । ରାଷ୍ଟ୍ର ନିର୍ମାଣ ଏବଂ ସ୍ଥାୟୀ ବିକାଶ ପାଇଁ ତଥା ସୂଚନା ପ୍ରସାରଣ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି କହିଛନ୍ତି । ବୁଧବାର ଦିନ ଲୋକଭବନର ଅଭିଷେକ ହଲଠାରେ 'ଯୁବ ସଙ୍ଗମ' ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ ଅବସରରେ ରାଜ୍ୟପାଳ ଏହି ଗୁରୁତ୍ୱାରୋପ କରିଛନ୍ତି ।'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନ ଅଧୀନରେ ଆୟୋଜିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମ 'ଯୁବ ସଙ୍ଗମର ଷଷ୍ଠ ପର୍ଯ୍ୟାୟ' ଅଧୀନରେ ଓଡ଼ିଶା ଗସ୍ତରେ ଆସିଥିବା ଗୁଜରାଟର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା ସମୟରେ ରାଜ୍ୟପାଳ ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଥିଲେ । ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଯୁବ ନାଗରିକମାନଙ୍କ ମଧ୍ୟରେ ଭାବଗତ ବନ୍ଧନକୁ ମଜବୁତ କରିବା ଏବଂ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କଠାରୁ ଗସ୍ତ ପୂର୍ବରୁ ଏବଂ ପରେ ଓଡ଼ିଶାରେ ସେମାନଙ୍କର ଅଭିଜ୍ଞତା ଏବଂ ରାଜ୍ୟ ପ୍ରତି ସେମାନଙ୍କର ଧାରଣା ସମ୍ପର୍କରେ ରାଜ୍ୟପାଳ ମତାମତ ଲୋଡ଼ିଥିଲେ। ସେମାନଙ୍କୁ ବିବିଧତାରେ ଏକତାର ବାର୍ତ୍ତା ଆଗକୁ ବଢ଼ାଇବା



ସହିତ ସାଂସ୍କୃତିକ ବୁଝାମଣାର ଆମ୍ବାସଡର ହୁଅନ୍ତୁ ବୋଲି ରାଜ୍ୟପାଳ ଉତ୍ସାହିତ କରିଥିଲେ।ଓଡ଼ିଶାର ଦ୍ରୁତ ପ୍ରଗତି ଉପରେ ଆଲୋକପାତ କରି ରାଜ୍ୟର ଅମାପ ଖଣିଜ ସମ୍ପଦ, ଜୀବନ୍ତ ଆଦିବାସୀ ଐତିହ୍ୟ, ବର୍ଦ୍ଧିତ ଶିଳ୍ପ ବିକାଶ ଏବଂ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଦୀୟମାନ ସ୍ଥିତି ବିଷୟରେ ରାଜ୍ୟପାଳ ଆଲୋକପାତ କରିଥିଲେ । ପଟ୍ଟଚିତ୍ର, ରୂପା ତାରକସି କାମ, ପଥର ଖୋଦେଇ, ସମ୍ବଲପୁରୀ ଶାଢ଼ି ଏବଂ ହସ୍ତତନ୍ତ ବୟନ ପରମ୍ପରା ସମେତ ଓଡ଼ିଶାର ପ୍ରସିଦ୍ଧ ପାରମ୍ପରିକ କଳା ଏବଂ ହସ୍ତଶିଳ୍ପ ବିଷୟରେ ମଧ୍ୟ ରାଜ୍ୟପାଳ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ ।ଏଥି ସହିତ ରାଜ୍ୟର ଇକୋ-ପର୍ଯ୍ୟଟନ ପଦକ୍ଷେପ ସହିତ ଭିତରକନିକା ଜାତୀୟ ଉଦ୍ୟାନ ଏବଂ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଭଳି ସ୍ଥାନଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରି ଓଡ଼ିଶାର ପରିବେଶଗତ ଏବଂ ପର୍ଯ୍ୟଟନ ସମ୍ଭାବନା ଉପରେ ମଧ୍ୟ ରାଜ୍ୟପାଳ ଉଲ୍ଲେଖ କରିଥିଲେ ।ଏହି ଆଲୋଚନା ସମୟରେ ଦେଶର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ 'ଅର୍ଥନୈତିକ ଆତ୍ମସୁରକ୍ଷା' ସମ୍ପର୍କିତ ପରାମର୍ଶ ପାଳନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟପାଳ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ କୋଭିଡ୍-୧୯ ମହାମାରୀ ସମୟରେ ଭାରତ ଆତ୍ମନିର୍ଭରଶୀଳତା, ନବସୃଜନ ଏବଂ ଡିଜିଟାଲ ପ୍ରକ୍ରିୟାକରଣକୁ ପ୍ରୋତ୍ସାହିତ କରି ଆହ୍ୱାନଗୁଡ଼ିକୁ ସୁଯୋଗରେ ପରିଣତ କରିପାରିଥିଲା । ଏହି ସମୟରେ ଡିଜିଟାଲାଇଜେସନ୍ ତ୍ୱରାନ୍ୱିତ କରାଯିବ ସହିତ ସାରା ଦେଶରେ ଇ-କମର୍ସ ପ୍ଲାଟଫର୍ମ ଦ୍ରୁତ ପ୍ରସାରଣ କରାଯାଇଥିଲା ।ଏହି ଆଲୋଚନା ଅବସରରେ ଯୁବପିଢ଼ିଙ୍କୁ ବୈଦ୍ୟୁତିକ ଯାନବାହନ ଏବଂ ସୌରଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ସମାଜରେ ପରିବେଶଗତ ଦାୟିତ୍ୱ ବିଷୟରେ ସଚେତନତା ପ୍ରସାର କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (PMSBY) ଏବଂ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (PMJJBY) ଭଳି କଲ୍ୟାଣକାରୀ ଯୋଜନାର ଲାଭ ଉଠାଇବା ଏବଂ ଅନ୍ୟମାନଙ୍କୁ ସଚେତନ କରି ଏହାର ଲାଭ ପାଇବା ପାଇଁ ପ୍ରେରଣା ଦେବାକୁ ମଧ୍ୟ ପରାମର୍ଶ ଦେଇଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀମାନେ ଇଭି ଭିତ୍ତିଭୂମି, ଇଥାନଲ୍ ମିଶ୍ରଣ ଏବଂ ଅନ୍ୟାନ୍ୟ ସମସାମୟିକ ପ୍ରସଙ୍ଗ ଉପରେ ମଧ୍ୟ ପ୍ରଶ୍ନ ପଚାରିଥିଲେ । ପାରସ୍ପରିକ ଆଲୋଚନା ମାଧ୍ୟମରେ ବିସ୍ତୃତ ଭାବରେ ଏହି ପ୍ରଶ୍ନଗୁଡିକର ରାଜ୍ୟପାଳ ଉତ୍ତର ରଖିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କ ସନ୍ଦେହ ମୋଚନ କରିଥିଲେ ।

# ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ବୁବୁନ ସାହୁଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର** (ରା.ରି):ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଓଡ଼ିଶା ସିଭିଲ ସର୍ଭିସ୍ (OCS) ପରୀକ୍ଷା-୨୦୨୪ରେ ପ୍ରଥମ ସ୍ଥାନ ଅଧିକାର କରିଥିବା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ତୋଳଙ୍କପଡ଼ା ଗ୍ରାମର ଶ୍ରୀ ବୁବୁନ ସାହୁଙ୍କୁ ସମ୍ବର୍ଦ୍ଧିତ କରି ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନସେବା ହେଉଛି ପ୍ରଶାସନର ମୂଳ ଲକ୍ଷ୍ୟ। ଲୋକଙ୍କ ମଙ୍ଗଳ, ସୁଶାସନ ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ସରକାରୀ ସେବା ପହଞ୍ଚାଇବାକୁ ଅଧିକ ଗୁରୁତ୍ୱ ଦେବା ସହିତ ସମାଜର ଶିଶୁ, ମହିଳା ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ସମର୍ପିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଜଣେ ଭଲ ପ୍ରଶାସକ ସହ ଜଣେ ଭଲ ମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

ଶ୍ରୀ ବୁବୁନ ସାହୁ ଗତ ବର୍ଷ ଓଡିଶା ପୋଲିସ୍ ସେବାରେ ଚୟନ ହୋଇଥିଲେ ଓ ବର୍ତ୍ତମାନ ଓଡ଼ିଶା ପୋଲିସରେ ଡିଏସପି ଭାବେ ୨୦୨୬ ମାର୍ଚ୍ଚ ମାସରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ (BPSPA)ରେ ପ୍ରଶିକ୍ଷଣ ନେଉଛନ୍ତି।

ଶ୍ରୀ ସାହୁଙ୍କ ପିତା ଶ୍ରୀ ଭଗବାନ ସାହୁ ଜଣେ କୃଷକ ଏବଂ ମାତା ଶ୍ରୀମତୀ କୁଞ୍ଜଲତା ସାହୁ ଗୃହିଣୀ। ପୁଅର ଏହି ଅନନ୍ୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ।

# ଓମ୍‌ଫେଡ୍‌ର ୧୦୩୬ କୋଟି ବ୍ୟବସାୟ, ୧୦ କୋଟିରୁ ଅଧିକ ଲାଭ

ଭୁବନେଶ୍ୱର(ରା.ରି): ୨୦୨୫-୨୬ ଆର୍ଥିକ ବର୍ଷରେ ଓମ୍‌ଫେଡ୍ ୧୦୩୬. ୮୨ କୋଟିର ବ୍ୟବସାୟ



କରିଥିବା ବେଳେ ୧୦.୨୩ କୋଟି ଟଙ୍କା ଲାଭ କରିଛି । ଶୁକ୍ରବାର ଓମ୍‌ଫେଡ୍ ଓ ଦୁଗ୍ଧସଂଘ କାର୍ଯ୍ୟାଳବଳୀର ଏକ ସମୀକ୍ଷା ବୈଠକରେ ଏହି କଥା ଜଣାଯାଇଛି । ବୈଠକରୁ ଜଣାଯାଇଛି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ୨୧ଟି ନୂତନ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଖୋଲାଯାଇଛି । ୪୪୫୫ ଟି ଦୁଗ୍ଧ ସମବାୟ ସମିତି ଜରିଆରେ ପ୍ରାୟ ୩.୨୪ଲକ୍ଷ ଚାଷୀଙ୍କଠାରୁ ଦୈନିକ ହାରାହାରି ୬.୭୦ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ ହେଉଛି । ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆଶୀର୍ବାଦ ପାଲଟିଛି । ରାଜ୍ୟର ବିଭିନ୍ନ ବ୍ଲକରେ ୧୬୦ ଗୋଟି ନୂତନ କ୍ଷୀରଧାରା କେନ୍ଦ୍ର ଖୋଲାଯାଇ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଦୈନିକ ପ୍ରାୟ ୬% ହାରରେ ଦୁଗ୍ଧ ସଂଗ୍ରହ ବୃଦ୍ଧି ପାଇଛି । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ବିପଣନ ୪% ବୃଦ୍ଧି ପାଇଛି । ସ୍ଥାନୀୟ ସହିଦନଗର ସ୍ଥିତ ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ । ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍) ଦ୍ୱାରା ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ମାନ୍ୟବର ମନ୍ତ୍ରୀ ଫୁଙ୍ଖାନୁଫୁଙ୍ଖ ସମୀକ୍ଷା କରିଥିଲେ । ଦୁଗ୍ଧ ସମବାୟ ସମିତି, ଭିତ୍ତିଭୂମି ଉନ୍ନତୀକରଣ, ବିଭିନ୍ନ ପ୍ଲାଣ୍ଟ ଆଦିରେ ରହିଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ସେଗୁଡିକର ତ୍ୱରିତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧରୀ ଯୋଗ ଦେଇ କହିଥିଲେ, ଦୁଗ୍ଧ ଚାଷୀଙ୍କ କଲ୍ୟାଣ ପାଇଁ ବିଭାଗ ପ୍ରତିବଦ୍ଧ ଅଛି । ସୋନପୁରଠାରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏବଂ ଟାଙ୍ଗୀଠାରେ ୩୦ ହଜାରେ ଲିଟର କ୍ଷମତା ବିଶିଷ୍ଟ ନୂତନ ଡେରୀ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି । ଭିତ୍ତିଭୂମି ବିକାଶ ଉପରେ ବିଭାଗ ଗୁରୁତ୍ୱ ଦେଉଥିବା ବେଳେ ବିଗତ ଦୁଇ ବର୍ଷ ମଧ୍ୟରେ ୧୦୬୧ ଗୋଟି ନୂତନ ଦୁଗ୍ଧ ସମବାୟ ସମିତି ପଞ୍ଜୀକରଣ ହୋଇଛି। ଓମ୍‌ଫେଡ୍‌ର ଭବିଷ୍ୟତ ଯୋଜନା ସଂପର୍କରେ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବାଧାମୁକ୍ତ ଦୁଗ୍ଧକ୍ରୟ ବ୍ୟବସ୍ଥା ଗ୍ରହଣ କରିବା, ୨୦୩୦ ମସିହା ସୁଦ୍ଧା ୩.୨୮ ଲକ୍ଷ ଦୁଗ୍ଧ ଚାଷୀଙ୍କ ଆର୍ଥିକ ସମୃଦ୍ଧି ସୁନିଶ୍ଚିତ କରିବା, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନରେ ଆତ୍ମନିର୍ଭର ହେବା ପାଇଁ ସେ ଗୁରୁତ୍ୱ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଓମ୍‌ଫେଡ୍ ସଭାପତି କିଶୋରଚନ୍ଦ୍ର ପ୍ରଧାନୀ, ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘର କର୍ମକର୍ତ୍ତା, ବିଭିନ୍ନ ମିଲ୍କ ୟୁନିୟନର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନବୀନ ସରକାର ଅମଳରେ ଜେଏସ୍‌ଡବ୍ଲୁ ପ୍ଲାଣ୍ଟର ଶୁଭାରମ୍ଭ ହୋଇଛି: ବିଜେଡି

ଭୁବନେଶ୍ୱର,(ରା.ରି):ଜଗତସିଂହପୁରଜିଲ୍ଲା ପାରାଦୀପ ନିର୍ବାଚନ ମଣ୍ଡଳୀର ଢିଙ୍କିଆ, ନୂଆଗାଁର ଗଡ଼କୁଜଙ୍ଗରେ ନବୀନ ସରକାର ଅମଳରେ ଜେଏସ୍‌ଡବ୍ଲୁ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ଶିଳାନ୍ୟାସ କରାଯାଇଥିଲା। ବର୍ତ୍ତମାନର ବିଜେପି ସରକାର ସମାନ ପ୍ରକଳ୍ପର ପୁନଃ ଶିଳାନ୍ୟାସ କରି ବାହାବା ନେବା ନିନ୍ଦନୀୟ। ଆଜି ଢିଙ୍କିଆରେ ଜେଏସ୍‌ଡବ୍ଲୁ ପ୍ରକଳ୍ପ ପାଇଁ ଶିଳାନ୍ୟାସ ପରେ ବିଜୁ ଜନତା ଦଳ (ବିଜେଡି) ଏହା କହିଛି ।ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଯେଉଁ ପୁଞ୍ଜିନିବେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଣିଥିଲେ, ସେହି ଜେଏସ୍‌ଡବ୍ଲୁ ପ୍ଲାଣ୍ଟର ପୁନଃ ଶିଳାନ୍ୟାସ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି । ନବୀନ ସରକାର ଅମଳରେ 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମରେ ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଢିଙ୍କିଆ,ନୂଆଗାଁର ଗଡ଼କୁଜଙ୍ଗରେ ଜେଏସ୍‌ଡବ୍ଲୁ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜେଏସ୍‌ଡବ୍ଲୁର ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନା କରି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପୂର୍ବ ସରକାର କରିଥିବା କାମକୁ ବର୍ତ୍ତମାନର ବିଜେପି ସରକାର ନିଜ କାମ କହି ଡିଣ୍ଡିମ ପିଟିବା ଅତ୍ୟନ୍ତ ହାସ୍ୟାସ୍ପଦ। ରାଜ୍ୟକୁ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସୁଥିବା କଥା ସରକାର କହୁଛନ୍ତି, ବାସ୍ତବରେ କେତେ ପୁଞ୍ଜିନିବେଶ ଆସିଛି ଓ କେତେ ପୁଞ୍ଜି ଗ୍ରାଉଣ୍ଡେଡ୍ ହୋଇଛି, ତାହା ଓଡ଼ିଶାବାସୀଙ୍କ ନିକଟରେ ଉପସ୍ଥାପନା କରନ୍ତୁ। ନିଯୁକ୍ତି ସୃଷ୍ଟି ନାଁରେ ଯୁବବର୍ଗଙ୍କୁ ହତାଶ କରି ତାଙ୍କ ଭାବନା ସହିତ ଖେଳନ୍ତୁ ନାହିଁ। ପ୍ରକଳ୍ପ ପ୍ରତିଷ୍ଠା ନାଁରେ ମିଛ କହିବାରୁ ନିବୃତ୍ତ ରୁହନ୍ତୁ। ଡ଼ ମହାନ୍ତି ଆହୁରି କହିଥିଲେ, ରାଜ୍ୟକୁ ପୁଞ୍ଜିନିବେଶ ଆସିଲେ ପ୍ରମୁଖ ବିରୋଧୀ ଦଳ ହିସାବରେ ବିଜେଡି ସ୍ୱାଗତ କରିବ। କାହିଁକି ନା ପୁଞ୍ଜିନିବେଶ ଆସିବା ଦ୍ୱାରା ରାଜ୍ୟରେ ନିଯୁକ୍ତି ସୃଷ୍ଟି ହେବ, ଯାହା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର କରୁଥିଲା । ବର୍ତ୍ତମାନ ସରକାରର ଶିଳ୍ପ ମନ୍ତ୍ରୀ ଶିଳ୍ପର ବିକାଶ ନାଁରେ ନିଜର ବିକାଶ ଅଧିକ କରୁଛନ୍ତି, ଯାହା ଜେଏସ୍‌ଡବ୍ଲୁ ପ୍ରତିଷ୍ଠିତ ହୋଇଥିବା ଅଞ୍ଚଳର ଜନସାଧାରଣ ଆଲୋଚନା କରୁଛନ୍ତି। ରାଜ୍ୟରେ କଞ୍ଚାମାଲ, ଭଲ ନେତୃତ୍ୱ ଓ ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଥିଲେ ନିବେଶ ଆସେ। କିନ୍ତୁ ରାଜ୍ୟରେ ବିଗିଡ଼ିଯାଇଥିବା ଆଇନଶୃଙ୍ଖଳା ପରିସ୍ଥିତି ଯୋଗୁଁ ନୂତନ ପୁଞ୍ଜିନିବେଶ ପାଇଁ ଶିଳ୍ପପତିମାନେ ମନ ବଳାଉ ନାହାନ୍ତି। ଅପରପକ୍ଷରେ ରାଜ୍ୟକୁ ନୂତନ ପୁଞ୍ଜି ଆଣିବା ବାହାନାରେ ରାଜ୍ୟ ତହବିଲ୍ରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ, ଦେଶ ବିଦେଶ ଭ୍ରମଣ କରିବାରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସଚିବମାନେ ମାତିଛନ୍ତି। ଗଲା ୨ ବର୍ଷ ଭିତରେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି।

## ଓଡ଼ିଶାରେ 'ହାପିନେସ୍ ଫର୍ ହର୍' ଅଭିଯାନ

# ନେକ୍ସସ୍ ସିଲେକ୍ଟ ମଲ୍ସ ସହ ହାତ ମିଳାଇଲେ ପ୍ୟାଡ ୱୁମେନ୍ ଅଫ୍ ଇଣ୍ଡିଆ

**ଭୁବନେଶ୍ୱର,** (ରା.ରି):ବାନାନା ଫାଇବର୍ ଅବଶୋଷକ ବ୍ୟବହାର କରି ବିଶ୍ୱର ପ୍ରଥମ ପୁନଃ ବ୍ୟବହାରଯୋଗ୍ୟ ସାନିଟାରୀ ପ୍ୟାଡ୍ ନିର୍ମାଣ ପାଇଁ ବହୁଳ ଭାବରେ ଜଣାଶୁଣା "ଭାରତର ପ୍ୟାଡ୍ ୱୁମେନ୍" ଅଞ୍ଜୁ ବିଷ୍ଟ ଗତ ୨ ବର୍ଷ ଧରି ଓଡ଼ିଶାରେ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଆନ୍ଦୋଳନକୁ ଆଗେଇ ନେଉଛନ୍ତି । ଭାରତରେ ସବୁଠାରୁ କମ୍ ଆଲୋଚିତ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ ଗୋଟିଏ- ଋତୁସ୍ରାବ ଜନିତ ସଚେତନତା ଏବଂ ସୁସ୍ଥ ଋତୁସ୍ରାବ ବିକଳ୍ପର ପ୍ରବେଶକୁ ନଜରରେ ରଖି ଶିକ୍ଷାବିତ୍, ସ୍ୱାସ୍ଥ୍ୟସେବା ବିଶେଷଜ୍ଞ, ସ୍ଥାୟୀ ନେତୃତ୍ୱ ଏବଂ ପରିବର୍ତ୍ତନକାରୀ ଯୁବପିଢୀମାନଙ୍କୁ ଏକତ୍ରିତ କରୁଛନ୍ତି ।

ସୌଖ୍ୟମ ଫାଉଣ୍ଡେସନ ସହଭାଗିତାରେ ଆରମ୍ଭ ହୋଇଥିବା ନେକ୍ସସ୍ ସିଲେକ୍ଟ ମଲ୍ସର ପ୍ରମୁଖ ସିଏସ୍ଆର ପଦକ୍ଷେପ ଭାବେ 'ହାପିନେସ୍ ଫର୍ ହର୍' ଏହି ପ୍ରୟାସରେ ସାମିଲ ହୋଇଛି । ଏହି ପ୍ରୟାସରେ 'କ୍ୟାମ୍ପସ ଆକ୍ସନ ଫର୍ ରିୟୁଜେବୁଲ୍ ଏସେନ୍ସିଆଲ୍ସ',



ଏକ ଯୁବ ନେତୃତ୍ୱାଧୀନ କ୍ୟାମ୍ପସ ଆନ୍ଦୋଳନ ଅନ୍ତର୍ଭୁକ୍ତ ଯାହା ସୁସ୍ଥ ଏବଂ ଅଧିକ ସ୍ଥାୟୀ ଋତୁସ୍ରାବ ଅଭ୍ୟାସକୁ ପ୍ରୋତ୍ସାହିତ କରେ । ମଙ୍ଗଳବାର ଭୁବନେଶ୍ୱରସ୍ଥିତ ନେକ୍ସସ ଏସ୍ପ୍ଲାନେଡ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର, କିଟ୍ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ କଟକର ଶୈଳବାଳା ମହିଳା ମହାବିଦ୍ୟାଳୟ ସମେତ ଅନୁଷ୍ଠାନର ଛାତ୍ରୀ ଓ ପ୍ରାଧ୍ୟାପକମାନଙ୍କୁ ସେମାନଙ୍କ କ୍ୟାମ୍ପସରେ ସ୍ଥାୟୀ ଋତୁସ୍ରାବ ଅଭ୍ୟାସ ଏବଂ ସମକକ୍ଷଙ୍କ ନେତୃତ୍ୱରେ ଆଚରଣଗତ ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ 'କେୟାର' ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏମ୍ସ ଭୁବନେଶ୍ୱର, ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, କମଳା ନେହରୁ ମହିଳା ମହାବିଦ୍ୟାଳୟ ଏବଂ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜୀର ପ୍ରତିନିଧିମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ପ୍ରୟାସଗୁଡ଼ିକ ମିଳିତ ଭାବରେ ଗତ ବର୍ଷ ମଧ୍ୟରେ ୫ ହଜାରରୁ ଅଧିକ ଯୁବତୀଙ୍କୁ ମାସିକ ଋତୁସ୍ରାବ ପାଇଁ ବ୍ୟବହୃତ ଦ୍ରବ୍ୟରୁ ଦୂରେଇ ଅଧିକ ସ୍ଥାୟୀ ବିକଳ୍ପ ଆଡକୁ ସ୍ଥାନାନ୍ତର କରିବାରେ ସାହାଯ୍ୟ କରିଛି ।

ଏହି ଅବସରରେ ସ୍ୱାସ୍ଥ୍ୟ, ପରିବେଶ, ସକ୍ରିୟ ଜୀବନଯାପନ (ର ମଧ୍ୟ ଶୁଭାରମ୍ଭ କରାଯାଇଥିଲା । ଋତୁସ୍ରାବ ଜନିତ ସୁସ୍ଥତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ ଯୁବତୀ ଓ ମହିଳାମାନଙ୍କୁ ହେଉଥିବା ଯନ୍ତ୍ରଣା, ଅନିୟମିତ ତଥା ଅଧିକ ଋତୁସ୍ରାବ ପରି ସାଧାରଣତଃ ଅଣଦେଖା କରାଯାଉଥିବା ସମସ୍ୟାଗୁଡ଼ିକୁ ବୁଝି ଏହାର ସମାଧାନ କରିବାରେ ସାହାଯ୍ୟ କରିବା ଏହି 'ହିଲ୍'ର ମୂଳ ଲକ୍ଷ୍ୟ । ଫଗ୍‌ସି (ରଙଏଝଓ), ଝେପିଏଗୋ(ଔଐଚଓରଏଙ), ଆତ୍ମଶକ୍ତି ଟ୍ରଷ୍ଟ ଏବଂ ଓଡ଼ିଶା ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସଂଘ ଭଳି ସମ୍ମାନିତ ସଂଗଠନର ବୃତ୍ତିଗତ ଚିକିତ୍ସକ ଏବଂ ସ୍ୱେଚ୍ଛାସେବୀମାନେ ଏହି ଅବସରରେ ଯୋଗଦେଇ ଭାରତରେ ଋତୁସ୍ରାବଜନିତ ସ୍ୱାସ୍ଥ୍ୟର ଭବିଷ୍ୟତ ଉପରେ ଆଲୋଚନା କରିଥିଲେ ।

ଏହି ଅବସରରେ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ଖୁସି ବ୍ୟକ୍ତ କରି କହିଥିଲେ ଯେ, ଆମ ସହରରେ 'ହାପିନେସ୍ ଫର୍ ହର୍', କେୟାର ଏବଂ ହିଲ୍ ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ଏକ ଗଭୀର ପ୍ରଭାବ ପକାଇ ପାରିଛି । ନେକ୍ସସ ସିଲେକ୍ଟ ମଲ୍ସ ର ସଷ୍ଟେନେବିଲିଟୀ ଏବଂ ସିଏସ୍ଆର ବିଭାଗର ସାଧାରଣ ବ୍ୟବସ୍ଥାପକ ହର୍ଷା ଭରଦା ଯୋଗଦେଇ ଏହି ପଦକ୍ଷେପ ଅନ୍ତର୍ଗତ ଭବିଷ୍ୟତ ଯୋଜନାଗୁଡ଼ିକ ବିଷୟରେ କହିଥିଲେ । 'ନେକ୍ସସ୍ ସିଲେକ୍ଟ ମଲ୍ସ ଏବଂ ସୌଖ୍ୟମ ଫାଉଣ୍ଡେସନ ମେ ୨୮ ତାରିଖ ଋତୁସ୍ରାବ ସ୍ୱଚ୍ଛତା ଦିବସରେ ଏମ୍ସ ଭୁବନେଶ୍ୱର ଏବଂ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଗବେଷଣା ଅଧ୍ୟୟନ ଆରମ୍ଭ କରିବାକୁ ଯାଉଛନ୍ତି । ଏହି ଅଧ୍ୟୟନ ମାଧ୍ୟମରେ କିଶୋରୀ ମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା, ଋତୁସ୍ରାବ ଜନିତ ସମସ୍ୟା ଏବଂ ବିଭିନ୍ନ ଋତୁସ୍ରାବ ଉତ୍ପାଦର ଦୀର୍ଘକାଳୀନ ପ୍ରଭାବ ବିଷୟରେ ଅଧିକ ତଥ୍ୟ ମିଳିବ ।

ସୌଖ୍ୟମ ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶିକା ଅଞ୍ଜୁ ବିଷ୍ଟ କହିଥିଲେ ଯେ, ଓଡ଼ିଶାରେ 'ହାପିନେସ୍ ଫର୍ ହର୍' ସଚେତନତା, ସୁଲଭତା ଓ ସ୍ଥାୟୀତ୍ୱକୁ ଏକତ୍ର କରି ପିରିଅଡ୍ ପଭର୍ଟି ଏବଂ ଋତୁସ୍ରାବ ସୁସ୍ଥତାକୁ ବ୍ୟାପକ ପରିମାଣରେ ସମାଧାନ କରୁଛି । ପୁନଃବ୍ୟବହାର ଯୋଗ୍ୟ ବିକଳ୍ପକୁ ସାଧାରଣ ପ୍ରଚଳନରେ ଆଣିବା ଏବଂ ବ୍ୟବହୃତ ବିକଳ୍ପକୁ ଏକ କୁ-ଧାରଣା ଭାବେ ପରିଚିତ କରାଇବା ପର୍ଯ୍ୟନ୍ତ ଆମର କାର୍ଯ୍ୟ ଜାରି ରହିବ ବୋଲି ସେ କହିଥିଲେ । ଏହି ଅଭିଯାନକୁ ବୃହତ୍ତ ଆକାରରେ ସମର୍ଥନ କରିଥିବାକୁ ସେ ଓଡ଼ିଶାକୁ ଧନ୍ୟବାଦ ଜଣାଇଥିଲେ ।

# କିମସ୍ କାର୍ଡିଆକ୍ ସର୍ଜନ ଚିକାଗୋ ଏଏଟିଏସ ଫାଉଣ୍ଡେସନ୍ ପକ୍ଷରୁ ସମ୍ମାନୀତ

**ଭୁବନେଶ୍ୱର,** (ରା.ରି): ଭୁବନେଶ୍ୱର କିମ୍‌ସ ହୃଦ୍ ସର୍ଜନ୍ ଡା ସତ୍ୟଜିତ୍ ସାମଲ ଆମେରିକାରୁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସ୍ୱୀକୃତି ହାସଲ କରିଛନ୍ତି । ଉନ୍ନତ ହୃଦୟ ପ୍ରତିରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏଏଟିଏସ ଫାଉଣ୍ଡେସନରୁ ଏହି ସମ୍ମାନଜନକ ସ୍ୱୀକୃତି ପାଇବାରେ ଡା ସାମଲ ହେଉଛନ୍ତି ଓଡ଼ିଶାର ପ୍ରଥମ କାର୍ଡିଓଥୋରାସିକ୍ ସର୍ଜନ ।ମେ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଆମେରିକାର ଚିକାଗୋରେ ଅନୁଷ୍ଠିତ ୧୦୬ ତମ ଏଏଟିଏସ ବାର୍ଷିକ ବୈଠକ ଅବସରରେ ଡା ସାମଲଙ୍କୁ ଆମେରିକୀୟ ଆସୋସିଏସନ୍ ଫର୍ ଥୋରାସିକ୍ ସର୍ଜରୀ (ଏଏଟିଏସ) ଫାଉଣ୍ଡେସନ୍ ଦ୍ୱାରା ପ୍ରତିଷ୍ଠିତ ୨୦୨୬ ମୁସଲେମ୍ କଞ୍ଜେନିଟାଲ୍ ହାର୍ଟ ଡିଜିଜ୍ (ସିଏଚଡି) ଆଲାଏନ୍ସ ଟ୍ରାଭେଲ୍ ଗ୍ରାଣ୍ଟ\' ପ୍ରଦାନ କରାଯାଇଛି । ଏହି ପୁରସ୍କାର ହୃଦରୋଗ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନକୁ ସମ୍ମାନିତ କରିବା ସହ କିମ୍‌ସରେ କରାଯାଉଥିବା ଉନ୍ନତ ହୃଦରୋଗ ଚିକିତ୍ସା ଏବଂ ପ୍ରତିରୋପଣରେ ଅନ୍ତର୍ଜାତୀୟ ସହଯୋଗ, ପରାମର୍ଶ ଏବଂ ଉତ୍କୃଷ୍ଟ ତାଲିମ ସଂପର୍କରେ ପ୍ରତିପାଦିତ କରୁଛି । ସୂଚନାଯୋଗ୍ୟ, ଏଏଟିଏସକୁ ହୃଦ୍ ଥୋରାସିକ୍



ସର୍ଜରୀ କ୍ଷେତ୍ରରେ ବିଶ୍ୱର ସବର୍ବୃହତ, ସବୁଠାରୁ ଉନ୍ନତ ଏବଂ ପ୍ରମୁଖ ସଂଗଠନ ଭାବରେ ବିବେଚନା କରାଯାଏ । ହୃଦ୍ ଥୋରାସିକ୍ ସର୍ଜରୀ, ଗବେଷଣା, ନବସର୍ଜନା ଏବଂ ଶିକ୍ଷାଗତ ଉତ୍କର୍ଷତାରେ ଉଲ୍ଲେଖନୀୟ ଅବଦାନ ପାଇଁ, ବିଶ୍ୱର ଖ୍ୟାତିସଂପନ୍ନ ସର୍ଜନମାନଙ୍କୁ ଏଏଟିଏସ ଫାଉଣ୍ଡେସନ୍ ଦ୍ୱାରା ମନୋନୀତ କରାଯାଇ ସମ୍ମାନିତ କରାଯାଇଥାଏ । ଏଭଳି ସମ୍ମାନ ପାଇଁ କିମ୍‌ସ ଓ ଏଏଟିଏସ ଫାଉଣ୍ଡେସନକୁ ଡା ସାମଲ କୃତଜ୍ଞତା ଜଣାଇଛନ୍ତି । ଚିକାଗୋରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଡା. ସାମଲ ବିଶ୍ୱର ପ୍ରମୁଖ ହୃଦ୍ ଥୋରାସିକ୍ ସର୍ଜନଙ୍କଠାରୁ ହୃଦୟ ପ୍ରତିରୋପଣ ଏବଂ ଅନ୍ୟାନ୍ୟ ଉନ୍ନତ ହୃଦ୍ ଥୋରାସିକ୍ ଶଲ୍ୟଚିକିତ୍ସା ପ୍ରକ୍ରିୟା ସଂପର୍କରେ ବିଶେଷ ପରାମର୍ଶ ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥିଲେ ।

ଏଏଟିଏସ ପ୍ଲାଟଫର୍ମ ମାଧ୍ୟମରେ ସୃଷ୍ଟି ହୋଇଥିବା ସଂପର୍କ କିମସରେ ଉନ୍ନତ ହୃଦରୋଗ ଚିକିତ୍ସାକୁ ସୁଦୃଢ଼ କରିବା ସହ କିମ୍‌ସରେ ଏକ ବ୍ୟାପକ ହୃଦରୋଗ ପ୍ରତିରୋପଣ କାର୍ଯ୍ୟକ୍ରମ ପାଇଁ ଅଧିକ ତ୍ୱରାନ୍ୱିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡା ସାମଲ କହିଛନ୍ତି ।

ଡା. ସାମଲଙ୍କ ସଫଳତାରେ ଖୁସି ବ୍ୟକ୍ତ କରି କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡା ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ସମ୍ମାନ ଉନ୍ନତ ସ୍ୱାସ୍ଥ୍ୟସେବା, ଚିକିତ୍ସା ଉତ୍କର୍ଷତା ଏବଂ ସ୍ୱତନ୍ତ୍ର ହୃଦରୋଗ ସେବା ପାଇଁ କିମସର କାମକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

# ଭୁବନେଶ୍ୱର-କଟକର 'ସହରାଞ୍ଚଳ ଗତିଶୀଳତା' ଅଡିଟ୍ ରେ ନାଗରିକଙ୍କ ମତାମତକୁ ଗ୍ରହଣ କରିବେ ସିଏଜି

ଭୁବନେଶ୍ୱର(ରା.ରି): ଭୁବନେଶ୍ୱର-କଟକରେ ଯାତାୟାତ, ସେବା ପ୍ରଦାନ, ସାମଗ୍ରୀ ପରିବହନ (ଅର୍ବାନ୍ ମୋବିଲିଟି/ସହରାଞ୍ଚଳ ଗତିଶୀଳତା) ଅଡିଟ୍‌ରେ ଏଣିକି ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ନିଜର ବାର୍ଷିକ କାର୍ଯ୍ୟ ଯୋଜନା ୨୦୨୬-୨୭ରେ ନାଗରିକଙ୍କ ମତାମତକୁ ଗ୍ରହଣ କରିବେ। ଲୋକଙ୍କ ଉପରେ ସହରାଞ୍ଚଳ ଗତିଶୀଳତାର ପ୍ରଭାବ କ'ଣ ଓ କିଭଳି ତାହାର ହିସାବନିକାଶ କରି ଅଡିଟ୍ ରିପୋର୍ଟ ପ୍ରସ୍ତୁତ କରାଯିବ।

ଏନେଇ ସୋମବାର, , ଭୁବନେଶ୍ୱରସ୍ଥିତ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସହରାଞ୍ଚଳ ଗତିଶୀଳତା ଉପରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ପ୍ରଧାନ ମହାଲେଖାକାର (ଅଡିଟ୍-୧) ସୁବୁ ଆର୍, ଉପ-ମହାଲେଖାକାର ବାଲକ୍ରିଷ୍ଣା ଓ ଅଡିଟ୍ ଦଳର ସଦସ୍ୟମାନେ ଯୋଗ ଦେଇଥିଲେ।

ସମ୍ମିଳନୀରେ, ଅଡିଟ୍ ଦଳ ପକ୍ଷରୁ ପ୍ରସ୍ତାବିତ ଅଡିଟ୍‌ର ମାପଦଣ୍ଡ, ଆଇନଗତ ଓ ନୀତିଗତ ଆଭିମୁଖ୍ୟ, ସହରୀ ପରିବହନ ବ୍ୟବସ୍ଥା, ପ୍ରମୁଖ ସେବା କ୍ଷେତ୍ର, କାର୍ଯ୍ୟପନ୍ଥା ଏବଂ ସମୟସୀମା ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ସହରାଞ୍ଚଳ



ଗତିଶୀଳତା ବ୍ୟବସ୍ଥାକୁ ଅଧିକ ସ୍ପଷ୍ଟ ଭାବେ ବୁଝିବା, ଗଠନମୂଳକ ଆଲୋଚନା ଏବଂ ବ୍ୟବହାରିକ ପରାମର୍ଶ ପାଇଁ ନିଜ ନିଜର ସମସ୍ୟା, ଆହ୍ୱାନ ଓ କାର୍ଯ୍ୟକ୍ଷେତ୍ରରେ ରହୁଥିବା ଅସୁବିଧାଗୁଡ଼ିକୁ ଅଡିଟ୍ ଟିମ୍ ସମ୍ମୁଖରେ ଉପସ୍ଥାପନ କରିବାକୁ ବିଭାଗୀୟ ଅଧିକାରୀ ଓ ସହଭାଗୀ ସଂସ୍ଥାଗୁଡ଼ିକୁ ପରାମର୍ଶ ଦିଆଯାଇଛି।

ଅଡିଟ୍ କାର୍ଯ୍ୟରେ ସହଯୋଗ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଣେ ନୋଡାଲ ଅଫିସର ମନୋନୀତ କରାଯିବ। ଏହାସହ ଅଡିଟ୍ ପରିଚାଳନା ପାଇଁ ପ୍ରସ୍ତାବିତ ସମୟସୀମା ଏବଂ ରୂପରେଖ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରାଣା, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ , କ୍ରୁଟ୍ , କଟକ ମହାନଗର ନିଗମ , କଟକ ଉନ୍ନୟନ କର୍ତ୍ତୃପକ୍ଷ , ସ୍ମାର୍ଟ ସିଟି ଲିମିଟେଡ୍, ବାଣିଜ୍ୟ ଓ ପରିବହନ ବିଭାଗ, ରାଜ୍ୟ ପରିବହନ କର୍ତ୍ତୃପକ୍ଷ , ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଗୃହ ବିଭାଗ ଏବଂ ଅନ୍ୟାନ୍ୟ ସଂପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ନିଜର ବାର୍ଷିକ କାର୍ଯ୍ୟ ଯୋଜନା ୨୦୨୬-୨୭ ଅନ୍ତର୍ଗତ ଦେଶର ୧୦୧ଟି ସହରରେ ସହରାଞ୍ଚଳ ଗତିଶୀଳତା (ଅର୍ବାନ ମୋବିଲିଟି) ଉପରେ ଏକ 'ନାଗରିକ-କେନ୍ଦ୍ରିକ ଅନୁପାଳନ ଅଡିଟ୍' (ସିଟିଜେନ୍-ସେଣ୍ଟ୍ରିକ୍ କମ୍ପ୍ଲାଏନ୍ସ ଅଡିଟ୍) କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବିତ ଅଡିଟ୍ ପ୍ରକ୍ରିୟା ପାଇଁ ଓଡ଼ିଶାରୁ ଭୁବନେଶ୍ୱର ଏବଂ କଟକ ସହରକୁ ଚୟନ କରାଯାଇଛି।

## ଇମ୍ୟୁନିଟି ପାଇଁ ଖାଆନ୍ତୁ ଏହି ଖାଦ୍ୟ



ଏକ ଶକ୍ତିଶାଳୀ ପ୍ରତିରକ୍ଷା ପ୍ରଣାଳୀ ରୋଗ ବିରୁଦ୍ଧରେ ଆମ ଶରୀରକୁ ଲଢିବାରେ ସାହାଯ୍ୟ କରିଥାଏ। ଯେତେବେଳେ ଆମେ ରୋଗ ପ୍ରତିରକ୍ଷା ବିଷୟରେ କଥା ହେଉ ଆମେ ପ୍ରାୟତଃ କେବଳ ଭିଟାମିନ୍ ସି ଉପରେ ଧ୍ୟାନ ଦେଉ। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶକ୍ତିଶାଳୀ ପ୍ରତିରକ୍ଷା ପାଇଁ ଭିଟାମିନ୍ ସି ସେବନ ଅତ୍ୟନ୍ତ ଜରୁରୀ। ତଥାପି ଆପଣଙ୍କର ଖାଦ୍ୟରେ ଭିଟାମିନ୍ ସି ସହିତ ଅନେକ ପ୍ରମୁଖ ପୁଷ୍ଟିକର ପଦାର୍ଥ ସାମିଲ କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏହା ଏକ ଜଟିଳ ପ୍ରକ୍ରିୟା ଯେଉଁଠାରେ ପ୍ରତ୍ୟେକ ପୁଷ୍ଟିକର ପଦାର୍ଥ ଏକ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରେ। ଭିଟାମିନ୍ ସି ସଂକ୍ରମଣ-ପ୍ରତିରୋଧୀ ଧଳା ରକ୍ତ କୋଷର ଉତ୍ପାଦନ ବୃଦ୍ଧି କରେ, ଜିଙ୍କ୍ ଟି-କୋଷକୁ ସକ୍ରିୟ କରେ, ଏବଂ ଭିଟାମିନ୍ ଡି ପ୍ରତିରକ୍ଷା ପ୍ରତିକ୍ରିୟାକୁ ନିୟନ୍ତ୍ରଣ କରେ। ତେଣୁ ଯଦି ଆପଣ ପ୍ରକୃତରେ ଆପଣଙ୍କର ପ୍ରତିରକ୍ଷା ପ୍ରଣାଳୀକୁ ସୁଦୃଢ଼ କରିବାକୁ ଚାହାଁନ୍ତି ତେବେ ଏକ ସନ୍ତୁଳିତ ଖାଦ୍ୟ ଅନୁସରଣ କରିବା ଗୁରୁତ୍ୱପୂର୍ଣ୍ଣ ଯାହା ଏହି ସମସ୍ତ ଆବଶ୍ୟକୀୟ ପୁଷ୍ଟିକର ପଦାର୍ଥ ଯୋଗାଇଥାଏ, ଯାହା ଆପଣଙ୍କ ଶରୀରକୁ ରୋଗ ସହିତ ଲଢ଼ିବା ପାଇଁ ଏକ ସମ୍ପୂର୍ଣ୍ଣ ପୁଷ୍ଟିକର ହୋଇଥାଏ। ଭିଟାମିନ୍ ସି ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଯାହା ଆପଣଙ୍କ ଧଳା ରକ୍ତ କୋଷକୁ ସଠିକ୍ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ। କମଳା, ଲେମ୍ବୁ, ଗୋଲମରିଚ ଏବଂ କିୱି ଖାଆନ୍ତୁ। ଏହା ସହିତ, ଭିଟାମିନ୍ ଇ ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଯାହା କୋଷଗୁଡ଼ିକୁ ମୁକ୍ତ ମଦ୍ୟପାନ କ୍ଷତିରୁ ରକ୍ଷା କରେ ଏବଂ ପ୍ରତିରକ୍ଷା ପ୍ରଣାଳୀକୁ ସର୍ବୋତ୍ତମ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ। ଆପଣ ଭିଟାମିନ୍ ଇ ପାଇଁ ବାଦାମ, ସୂର୍ଯ୍ୟମୁଖୀ ବିହନ ଏବଂ ଆଭୋକାଡୋ ଖାଇପାରିବେ। ଜିଙ୍କ ଏକ ଅତ୍ୟାବଶ୍ୟକୀୟ ଟ୍ରେସ୍ ମିନେରାଲ୍ ଯାହା ପ୍ରତିରକ୍ଷା ପ୍ରଣାଳୀର ପ୍ରାୟ ପ୍ରତ୍ୟେକ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ଟି-କୋଷ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ପ୍ରଣାଳୀକୁ ବିକାଶ ଏବଂ ସକ୍ରିୟ କରିବାରେ ସାହାଯ୍ୟ କରେ। ଜିଙ୍କ ଅଭାବ ପ୍ରତିରକ୍ଷାକୁ ଦୁର୍ବଳ କରିପାରେ ଏବଂ ସଂକ୍ରମଣର ଆଶଙ୍କା ବୃଦ୍ଧି କରିପାରେ। ଆପଣଙ୍କ କୋଷଗୁଡ଼ିକୁ ସୁସ୍ଥ ରଖିବା ପାଇଁ କଖାରୁ ବିହନ, କାଜୁ, ଚଣା ଏବଂ ଲଙ୍କାକୁ ଆପଣଙ୍କ ଖାଦ୍ୟରେ ସାମିଲ କରନ୍ତୁ। ଭିଟାମିନ୍ ଡି କେବଳ ହାଡ଼ ପାଇଁ ନୁହେଁ ବରଂ ପ୍ରତିରକ୍ଷା ପ୍ରଣାଳୀ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରତିରକ୍ଷା ପ୍ରତିକ୍ରିୟାକୁ ନିୟନ୍ତ୍ରଣ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଗବେଷଣାରୁ ଜଣାପଡିଛି ଯେ ଭିଟାମିନ୍ ଡି ଅଭାବ ଶ୍ୱାସକ୍ରିୟା ସଂକ୍ରମଣର ବିପଦକୁ ବୃଦ୍ଧି କରିପାରେ। ଭିଟାମିନ୍ ଡି ପାଇବା ପାଇଁ ପ୍ରତିଦିନ ଅତି କମରେ ଗୋଟିଏ ଘଣ୍ଟା ସୂର୍ଯ୍ୟ କିରଣରେ ରହିବାକୁ ପଡ଼ିବ। ଆପଣ ଚର୍ବି ମାଛ, ମାଛ ଯକୃତ ତେଲ ଏବଂ ଫୋର୍ଟିଫାଇଡ୍ କ୍ଷୀର ଭଳି ଖାଦ୍ୟ ମଧ୍ୟ ଖାଇପାରିବେ। ପ୍ରୋଟିନ୍ ଶକ୍ତିଶାଳୀ ପ୍ରତିରକ୍ଷା ପାଇଁ ଅତ୍ୟାବଶ୍ୟକ। କାରଣ ଏହା ଆଣ୍ଟିବଡି ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ସମ୍ବନ୍ଧୀୟ ଉପାଦାନ ପାଇଁ ମୂଳଦୁଆ ପ୍ରଦାନ କରେ। ଏଥିପାଇଁ ଅଣ୍ଡା, ପନିର ମାଂସ ଖାଆନ୍ତୁ। ପ୍ରୋବାୟୋଟିକ୍ସ ଏବଂ ଫାଇବର ମଧ୍ୟ ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଅତ୍ୟାବଶ୍ୟକ।

## ବିସ୍କୁଟ ସହିତ ଚା'...



ଆମ ସମାଜରେ ଚା ସହିତ ବିସ୍କୁଟ ଖାଇବା ଏକ ସାଧାରଣ ଅଭ୍ୟାସ। ନାସ୍ତାର ପ୍ରଥମ ଖାଦ୍ୟ ପାଇଁ ବିସ୍କୁଟକୁ ଏକ ଅତ୍ୟାବଶ୍ୟକୀୟ ସାଥୀ ଭାବରେ ଚୟନ କରାଯାଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହାକୁ ସବୁଠାରୁ ଖରାପ ସ୍ନାକ୍ସ ବୋଲି ବିବେଚନା କରନ୍ତି। ଏହି ଅଭ୍ୟାସ ସରଳ ଏବଂ ସ୍ୱାଦିଷ୍ଟ ମନେହୁଏ କିନ୍ତୁ ଏହା ନୀରବରେ ଆପଣଙ୍କ ଶରୀରକୁ ଗମ୍ଭୀର କ୍ଷତି ପହଞ୍ଚାଏ। ବିସ୍କୁଟ, ବିଶେଷକରି ପ୍ୟାକେଜ୍ ହୋଇଥିବା ବିସ୍କୁଟରେ ରିଫାଇଣ୍ଡ ମଇଦା ଅଧିକ ପରିମାଣର ଚିନି, ଅସ୍ୱାସ୍ଥ୍ୟକର ଚର୍ବି ଏବଂ ଅନେକ ସଂରକ୍ଷଣକାରୀ ଥାଏ। ଯେତେବେଳେ ଏହି କ୍ଷତିକାରକ ଉପାଦାନଗୁଡ଼ିକୁ ଚା'ରେ ଥିବା କ୍ୟାଫିନ୍ ଏବଂ ଟାନିନ୍ ସହିତ ମିଶ୍ରଣ କରାଯାଏ, ଏହା ହଜମ ଉପରେ ନକରାତ୍ମକ ପ୍ରଭାବ ପକାଏ ଏବଂ ଶରୀରରେ ଅନାବଶ୍ୟକ ଚିନି ଏବଂ ଚର୍ବି ଭାର ବୃଦ୍ଧି କରେ। ଯଦି ଆପଣ ଏହି ଅଭ୍ୟାସକୁ ନିୟମିତ ଭାବରେ ଜାରି ରଖନ୍ତି ତେବେ ଏହା ସିଧାସଳଖ ସ୍ଥୂଳତା, ମଧୁମେହ ଏବଂ ପାଚନ ସମସ୍ୟାର ବିପଦ ବଢ଼ାଇପାରେ। ଅଧିକାଂଶ ବିସ୍କୁଟ ରିଫାଇଣ୍ଡ ମଇଦାରୁ ତିଆରି କରାଯାଏ ଯାହା ପ୍ରାୟତଃ ଫାଇବର, ଭିଟାମିନ୍ ଏବଂ ଖଣିଜ ପଦାର୍ଥରୁ ମୁକ୍ତ। ସେମାନେ କେବଳ 'ଖାଲି କ୍ୟାଲୋରୀ' ପ୍ରଦାନ କରନ୍ତି। ଚା ସହିତ ସେଗୁଡ଼ିକୁ ଖାଇବା ଅର୍ଥ ହେଉଛି ଆପଣ ତୁରନ୍ତ ଶକ୍ତି ପାଆନ୍ତି କିନ୍ତୁ କୌଣସି ପୁଷ୍ଟିକର ଖାଦ୍ୟ ପାଆନ୍ତି ନାହିଁ। ଏହା ଆପଣଙ୍କ ପେଟ ପୂରଣ କରେ, କିନ୍ତୁ ଆପଣଙ୍କ ଶରୀରକୁ ଆବଶ୍ୟକୀୟ ଫାଇବର କିମ୍ବା ପ୍ରୋଟିନରୁ ବଞ୍ଚିତ କରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବିସ୍କୁଟକୁ ମୁସମୁସ୍ କରିବା ଏବଂ ଏହାର ସେଲଫ୍ ଲାଇଫ୍ ବୃଦ୍ଧି କରିବା ପାଇଁ ହାଇଡ୍ରୋଜେନେଟେଡ୍ ତେଲ କିମ୍ବା ଟ୍ରାନ୍ସ ଫ୍ୟାଟ୍ ପ୍ରାୟତଃ ବ୍ୟବହାର କରାଯାଏ। ଟ୍ରାନ୍ସ ଫ୍ୟାଟ୍ ହୃଦୟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି ଖାଦ୍ୟର ନିୟମିତ ବ୍ୟବହାର ଖରାପ କୋଲେଷ୍ଟ୍ରଲ୍ ବୃଦ୍ଧି କରେ ଏବଂ ଭଲ କୋଲେଷ୍ଟ୍ରଲ୍ ହ୍ରାସ କରେ, ଯାହା ହୃଦରୋଗ ଏବଂ ଷ୍ଟ୍ରୋକର ଆଶଙ୍କା ବୃଦ୍ଧି କରେ। ବିସ୍କୁଟରେ ଅତ୍ୟଧିକ ଚିନି ଏବଂ ରିଫାଇନ୍ କାର୍ବୋହାଇଡ୍ରେଟ୍ ଥାଏ। ଚା ସହିତ ସେଗୁଡ଼ିକୁ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ ଏବଂ ତାପରେ ହଠାତ୍ ହ୍ରାସ ପାଏ। ଏହି ବାରମ୍ବାର ଉତ୍ଥାନ-ପତନ କେବଳ ଶକ୍ତି ସ୍ତରକୁ ହ୍ରାସ କରେ ନାହିଁ ବରଂ ଦୀର୍ଘକାଳୀନ ଭାବରେ ଇନସୁଲିନ୍ ପ୍ରତିରୋଧକୁ ବୃଦ୍ଧି କରି ଟାଇପ୍ ୨ ମଧୁମେହର ବିପଦ ମଧ୍ୟ ବୃଦ୍ଧି କରେ। ବିସ୍କୁଟ୍ ଏବଂ ଚା ମିଶ୍ରଣ ପ୍ରାୟତଃ ପାଚନ ପ୍ରଣାଳୀ ଉପରେ ପ୍ରଭାବ ବୃଦ୍ଧି କରେ। ରିଫାଇନ୍ ମଇଦାର ଚିକ୍କଣ ଏବଂ ଚାରେ ଥିବା ଟାନିନ୍ ମିଶି ପାଚନକୁ ମନ୍ଥର କରିଦିଏ। ଏହା ବ୍ୟତୀତ, ଚାରେ ଥିବା ଏସିଡିଟି ଏବଂ ବିସ୍କୁଟରେ ଥିବା ତେଲ ଗ୍ୟାସ୍, ଫୁଲିବା ଏବଂ ପେଟ ପୋଡ଼ିବା ବୃଦ୍ଧି କରିପାରେ।

## ପିଆଜର ଉପକାରିତା



ଆପଣ ପନିପରିବାରେ ପିଆଜ ବ୍ୟବହାର କରିପାରନ୍ତି ଏବଂ କଞ୍ଚା ମଧ୍ୟ ଖାଇପାରନ୍ତି କିନ୍ତୁ ଆପଣ ଏହାର ଲାଭ ବିଷୟରେ ଜାଣନ୍ତି କି ? ଲୋକମାନେ ପ୍ରାୟତଃ ଗ୍ରୀଷ୍ମ ଋତୁରେ କଞ୍ଚା ପିଆଜ ଖାଇବାକୁ ଉପଭୋଗ କରନ୍ତି କାରଣ ଏହା କେବଳ ଗରମ ଷ୍ଟ୍ରୋକରୁ ରକ୍ଷା କରେ ନାହିଁ ବରଂ ଅନେକ ରୋଗକୁ ମଧ୍ୟ ରୋକିପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ କଞ୍ଚା ପିଆଜ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ଠାରୁ ଆରମ୍ଭ କରି କର୍କଟ ଏବଂ ହୃଦରୋଗ ପର୍ଯ୍ୟନ୍ତ ରୋଗର ଆଶଙ୍କା ବହୁତ କମ୍ ହୋଇଥାଏ। ଆମେରିକାରେ ୧୯୯୦ ମସିହାରେ ହୋଇଥିବା ଏକ ଅଧ୍ୟୟନରେ ଦାବି କରାଯାଇଥିଲା ଯେ କଞ୍ଚା ପିଆଜ ଖାଇବା ହୃଦରୋଗକୁ ରୋକିବାରେ ସାହାଯ୍ୟ କରିପାରେ। ଏହା ସଠିକ୍ ହଜମ ବଜାୟ ରଖିବାରେ ମଧ୍ୟ ସାହାଯ୍ୟ କରେ। ପିଆଜରେ ଥିବା ମ୍ୟାଗ୍ନେସିୟମ୍ ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ରକ୍ତ ସଞ୍ଚାଳନ ବଜାୟ ରଖିବାରେ ସାହାଯ୍ୟ କରେ ଯାହା ଦ୍ୱାରା ଶକ୍ତି ସ୍ତର ବଜାୟ ରହେ। ଆପଣ ଆପଣଙ୍କ ମଧ୍ୟାହ୍ନ ଭୋଜନ ସାଲାଡରେ କଞ୍ଚା ପିଆଜକୁ ମଧ୍ୟ ସାମିଲ କରିପାରିବେ। ପିଆଜ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରେ। ଏଥିରେ ଫସଫରସ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଏବଂ ଭିଟାମିନ୍ ସି ଭଳି ଗୁଣ ରହିଛି ଯାହା କେବଳ ଶରୀରକୁ ସୁସ୍ଥ ରଖେ ନାହିଁ ବରଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରେ। ପିଆଜରେ କର୍କଟ ପ୍ରତିରୋଧୀ ଗୁଣ ମଧ୍ୟ ରହିଛି। ଏହା କେବଳ ଶରୀରରେ କର୍କଟ କୋଷର ବୃଦ୍ଧିକୁ ରୋକିନଥାଏ ବରଂ ସେଗୁଡ଼ିକୁ ଦୂର କରିଥାଏ। ଅନେକ ଅଧ୍ୟୟନରୁ ଦାବି କରାଯାଇଛି ଯେ ପିଆଜ ଖାଉଥିବା ଲୋକଙ୍କର କର୍କଟ ଭଳି ଗମ୍ଭୀର ରୋଗ ହେବାର ଆଶଙ୍କା କମ୍ ଥାଏ। ପିଆଜରେ ସଲଫର ଯୌଗିକ ଥାଏ ଯାହା ରକ୍ତ ଶର୍କରାର ଆଶଙ୍କା ହ୍ରାସ କରେ। ଯଦି କାହାର ଉଚ୍ଚ ରକ୍ତଚାପ ଅଛି ତେବେ ସେମାନେ କଞ୍ଚା ପିଆଜ ଖାଇବା ଉଚିତ। କଞ୍ଚା ପିଆଜ ଖାଇବା ଦ୍ୱାରା ମୂତ୍ରାଶୟ ସଂକ୍ରମଣ ମଧ୍ୟ ହ୍ରାସ ପାଇଥାଏ।

## କଦଳୀ ଚୋପାର ଉପକାରିତା

କଦଳୀ ଚୋପା ପାଚନ କ୍ରିୟାକୁ ମଜବୁତ କରିବାରେ ସହାୟକ। ଏଥିରେ ଦ୍ରବଣୀୟ ଏବଂ ଅଦ୍ରବଣୀୟ ଫାଇବର ଥାଏ, ଯାହା ଅନ୍ତନଳୀକୁ ସଫା କରିବାରେ ସାହାଯ୍ୟ କରେ। ଏହାକୁ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ବଦହଜମୀ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହା ଧୀରେ ଧୀରେ ପେଟ ସମ୍ବନ୍ଧୀୟ ସମସ୍ୟାକୁ ମଧ୍ୟ ହ୍ରାସ କରିପାରିବ। କଦଳୀ ଚୋପା ହୃଦୟ ପାଇଁ ମଧ୍ୟ ଲାଭଦାୟକ। ଏଥିରେ ପୋଟାସିୟମ୍ ଥାଏ, ଯାହା ଶରୀରରେ ସୋଡିୟମ୍ ସ୍ତରକୁ ସନ୍ତୁଳିତ କରିବାରେ ସାହାଯ୍ୟ କରିପାରେ। କଦଳୀ ଚୋପା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଏବଂ ହୃଦରୋଗର ବିପଦକୁ କମ କରିବାରେ ସାହାଯ୍ୟ କରେ। କଦଳୀ ଚୋପା ଚର୍ମ ଏବଂ କେଶ ଯତ୍ନରେ ମଧ୍ୟ ଉପଯୋଗୀ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଥାଏ ଯାହା ଚର୍ମକୁ କ୍ଷତି ପହଞ୍ଚାଉଥିବା ମୁକ୍ତ ରାଡିକାଲ୍ସରୁ ରକ୍ଷା କରେ। ପ୍ରତିଦିନ ସେବନ କିମ୍ବା ବାହ୍ୟ ବ୍ୟବହାର ଚର୍ମକୁ ଉନ୍ନତ କରିପାରିବ ଏବଂ କେଶକୁ ମଜବୁତ କରିପାରିବ। କଦଳୀ ଚୋପା ମଧୁମେହ ପୀଡିତ ଲୋକଙ୍କ ପାଇଁ ମଧ୍ୟ ବହୁତ ଲାଭଦାୟକ ହୋଇପାରେ। ଏଥିରେ ଫାଇବର ଥାଏ  ଯାହା ରକ୍ତ ଶର୍କରା ବୃଦ୍ଧିକୁ ହ୍ରାସ କରିବାରେ ସାହାଯ୍ୟ କରେ।



## ନିୟମିତ ପିଅନ୍ତୁ ଉଷୁମ ପାଣି



ଥଣ୍ଡା ବା ଶୀତ ଋତୁରେ ଆମେ ପ୍ରାୟତଃ ଗରମ ଚା କିମ୍ବା କଫି ପିଇବାକୁ ପସନ୍ଦ କରନ୍ତି। କିନ୍ତୁ ସକାଳର ଆରମ୍ଭ ଉଷୁମ ପାଣି ସହିତ କରିବା ସ୍ୱାସ୍ଥ୍ୟକୁ ଉନ୍ନତ କରିବାର ଏକ ସରଳ, ଶସ୍ତା ଏବଂ ଅତ୍ୟନ୍ତ ପ୍ରଭାବଶାଳୀ ଉପାୟ। ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଅନୁଯାୟୀ ସକାଳେ ଉଷୁମ ପାଣି ପିଇଲେ ଧୀରେ ଧୀରେ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରାକୁ ବୃଦ୍ଧି କରେ, ପାଚନ କ୍ରିୟାକୁ ସକ୍ରିୟ କରେ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଏହି କାର୍ଯ୍ୟ ରାତିସାରା ଶୋଇଥିବା ଅଙ୍ଗଗୁଡ଼ିକୁ ଜାଗ୍ରତ କରେ। ଥଣ୍ଡା ପାଣି ପିଇବା ଦ୍ୱାରା ଶରୀରକୁ ନିଜକୁ ଗରମ କରିବା ପାଇଁ ଅତିରିକ୍ତ ଶକ୍ତି ଖର୍ଚ୍ଚ କରିବାକୁ ପଡ଼ିଥାଏ କିନ୍ତୁ ଉଷୁମ ପାଣି ପିଇବା ଦ୍ୱାରା ଏହା ଶକ୍ତିକୁ ସଞ୍ଚୟ କରେ। ଏହା କେବଳ ମେଟାବୋଲିଜିମକୁ ବୃଦ୍ଧି କରେ ନାହିଁ ଏହା ଆପଣଙ୍କ ଚର୍ମକୁ ହାଇଡ୍ରେଟେଡ୍ ରଖେ ଏବଂ ଥଣ୍ଡା ଏବଂ ଫ୍ଲୁରୁ ମୁକ୍ତି ଦିଏ। ଏହି ସରଳ ଅଭ୍ୟାସକୁ ଗ୍ରହଣ କରି ଆପଣ କୌଣସି ଅତିରିକ୍ତ ପରିଶ୍ରମ ବିନା ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ଏବଂ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟକୁ ଉନ୍ନତ କରିପାରିବେ। ସକାଳେ ଖାଲି ପେଟରେ ଉଷୁମ ପାଣି ପିଇବା ଦ୍ୱାରା ଅନ୍ତନଳୀରେ ଜମା ହୋଇଥିବା ବିଷାକ୍ତ ପଦାର୍ଥ ଢିଲା ହୁଏ ଏବଂ ମଳତ୍ୟାଗକୁ ସହଜ ହୁଏ, କୋଷ୍ଠକାଠିନ୍ୟ ଦୂର ହୁଏ। ଏହା ପାଚନ ତନ୍ତ୍ରରେ ରକ୍ତ ପ୍ରବାହକୁ ମଧ୍ୟ ବୃଦ୍ଧି କରେ। ଏହା ମେଟାବୋଲିଜିମକୁ ବୃଦ୍ଧି କରେ, ଯାହା ଓଜନ ପରିଚାଳନାରେ ସାହାଯ୍ୟ କରେ। ଥଣ୍ଡା ଦିନରେ ଉଷୁମ ପାଣି ପିଇବା ଦ୍ୱାରା ଶ୍ୱାସକ୍ରିୟା ନଳୀରେ ଭିଡ଼ ହ୍ରାସ କରେ। ଏହା ଗଳା ପ୍ରଦାହକୁ ଶାନ୍ତ କରେ ଏବଂ ଯନ୍ତ୍ରଣାରୁ ତୁରନ୍ତ ମୁକ୍ତି ପ୍ରଦାନ କରେ। ଏହି ଅଭ୍ୟାସ ବନ୍ଦ ନାକ ଏବଂ ଗଳା ଯନ୍ତ୍ରଣା ଭଳି ସାଧାରଣ ଥଣ୍ଡା ସମସ୍ୟାକୁ ଶୀଘ୍ର ଦୂର କରେ। ଉଷୁମ ପାଣି ପିଇବା ଦ୍ୱାରା ରକ୍ତବାହୀ ନଳୀଗୁଡ଼ିକ ବିସ୍ତାରିତ ହୁଏ ଶରୀରରେ ରକ୍ତ ସଞ୍ଚାଳନ ଉନ୍ନତ ହୁଏ।



## ଗର୍ଭଧାରଣର ସଠିକ୍ ସମୟ

ପ୍ରତ୍ୟେକ ମହିଳାଙ୍କ ଜୀବନର ସବୁଠାରୁ ବିଶେଷ ମୁହୂର୍ତ୍ତ ହେଉଛି ମାତୃତ୍ୱ। ଏହା ଏକ ପରିବର୍ତ୍ତନଶୀଳ ଅଭିଜ୍ଞତା, କିନ୍ତୁ ବୟସ ବଢ଼ିବା ସହିତ ଶରୀରର ଜୈବିକ ଘଣ୍ଟା ଧୀର ହୋଇଯାଏ। ଆଜିର ଦ୍ରୁତ ଗତିଶୀଳ ଦୁନିଆରେ, କ୍ୟାରିଅର, ସ୍ଥିରତା ଏବଂ ବ୍ୟକ୍ତିଗତ ଲକ୍ଷ୍ୟ ଯୋଗୁଁ ଅନେକ ମହିଳା ମାତୃତ୍ୱ ଲାଭ କରିବାରେ ବିଳମ୍ବ କରୁଛନ୍ତି। ଅଧିକାଂଶ ପରିବାରରେ ବିବାହ ହେବା ମାତ୍ରେ ସନ୍ତାନ ଜନ୍ମ କରିବା ପାଇଁ ଚାପ ଆରମ୍ଭ ହୁଏ, ଏବଂ ଏହାକୁ ବିଳମ୍ବ କରିବା ବିରୁଦ୍ଧରେ ପରାମର୍ଶ ଦିଆଯାଏ। ମାତୃତ୍ୱ ପାଇଁ କ'ଣ ଏକ ସଠିକ୍ ବୟସ ଅଛି ? ବିଳମ୍ବ ହେଲେ ଗର୍ଭଧାରଣ କଷ୍ଟକର ହୋଇଯାଏ ବିଶେଷକରି ୩୫ ବର୍ଷ ପରେ ? ପ୍ରକୃତରେ, ମାତୃତ୍ୱ ପାଇଁ ସଠିକ୍ ବୟସ ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ। ୩୫ ବର୍ଷରେ ଗର୍ଭଧାରଣ କରିବା ଶରୀରରୁ ଏକ ସଙ୍କେତ ଯେ ଏହାକୁ ଏବେ ଅଧିକ ଧ୍ୟାନ ଏବଂ ଦାୟିତ୍ୱ ଆବଶ୍ୟକ। ଏହା ବ୍ୟତୀତ ଲୋକମାନେ ଯେଉଁ ଜୀବନଶୈଳୀ ଗ୍ରହଣ କରନ୍ତି ମହିଳାଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅଧିକ ପୁଷ୍ଟିସାର ଏବଂ ଯତ୍ନ ଆବଶ୍ୟକ। ଯଦି ଆପଣ ୩୫ ବର୍ଷ କିମ୍ବା ତା'ପରେ ପିଲା ଚାହୁଁଛନ୍ତି, ତେବେ ଏହାର ସମ୍ଭାବନା କେତେ ? କେଉଁ ସତର୍କତା ଅବଲମ୍ବନ କରିବା ଉଚିତ ? ଡାକ୍ତରୀ ଦୃଷ୍ଟିରୁ, ୨୦ ରୁ ୩୦ ବର୍ଷ ବୟସ ଗର୍ଭଧାରଣ ପାଇଁ ସବୁଠାରୁ ନିରାପଦ ଏବଂ ସ୍ୱାଭାବିକ ଭାବରେ ଅନୁକୂଳ ବୋଲି ବିବେଚନା କରାଯାଏ। ଏହି ବୟସରେ, ଡିମ୍ବାଣୁ ଗୁଣବତ୍ତା ଉତ୍କୃଷ୍ଟ। ପ୍ରଜନନ କ୍ଷମତା ଅଧିକ। ଗର୍ଭଧାରଣ ଶୀଘ୍ର ଏବଂ ପ୍ରାକୃତିକ ଭାବରେ ସମ୍ଭବ। ଗର୍ଭଧାରଣ ଜଟିଳତା କମ୍। କିନ୍ତୁ ଏହାର ଅର୍ଥ ନୁହେଁ ଯେ ୩୦ କିମ୍ବା ୩୫ ବର୍ଷ ପରେ ମା ହେବା ବିପଦପୂର୍ଣ୍ଣ କିମ୍ବା ଅସମ୍ଭବ। ଆଜି ଲକ୍ଷ ଲକ୍ଷ ମହିଳା ୩୫, ୩୮ ଏବଂ ଏପରିକି ୪୦ ବର୍ଷରେ ସୁସ୍ଥ ଗର୍ଭଧାରଣ କରୁଛନ୍ତି। ଦୀପିକା ପାଦୁକୋନ ୩୮ ବର୍ଷରେ ମା ହୋଇଥିଲେ, ଯେତେବେଳେ କ୍ୟାଟ୍ରିନା କୈଫ ୪୨ ବର୍ଷରେ ମା ହୋଇଥିଲେ। ଏଥିପାଇଁ କେବଳ ଟିକିଏ ସଚେତନତା ଏବଂ ଡାକ୍ତରଙ୍କ ସତର୍କ ତଦାରଖ ଆବଶ୍ୟକ।

## ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ଯୋଗ

ବୟସ ବଢ଼ିବା ସ୍ୱାଭାବିକ। ଏହା ଜୀବନଚକ୍ରର ଏକ ଅତ୍ୟାବଶ୍ୟକ ଅଂଶ। ବୟସ ବଢ଼ିବା ସହିତ ଶରୀର ଦୁର୍ବଳ ହୁଏ। ନମନୀୟତା ହ୍ରାସ, ସନ୍ତୁଳନ ହରାଇବା ଏବଂ ଶକ୍ତିରେ ଧୀରେ ଧୀରେ ହ୍ରାସ ପାଇବା ବୟସ ବଢ଼ିବାର ଲକ୍ଷଣ। ବୟସ୍କ ଲୋକମାନେ ଚାଲିବାରେ କଷ୍ଟ ଏବଂ ଗଣ୍ଠି ଯନ୍ତ୍ରଣା ଅନୁଭବ କରନ୍ତି। ଯାହା ଫଳରେ ବସିବା ଏବଂ ଠିଆ ହେବା ମଧ୍ୟ କଷ୍ଟକର ହୋଇଯାଏ। ଯୋଗ ଏହି ଶାରୀରିକ ଲକ୍ଷଣଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରିପାରେ। ତଥାପି, ସମସ୍ତ ପ୍ରକାରର ଯୋଗ ବୟସ୍କ ଲୋକଙ୍କ ପାଇଁ ସହଜ ନୁହେଁ। ଯୋଗ ଆସନ ବୟସ୍କ ଲୋକଙ୍କ ପାଇଁ ବଜାୟ ରଖିବା ପ୍ରାୟତଃ କଷ୍ଟକର ହୋଇଥାଏ। ଏପରି ପରିସ୍ଥିତିରେ ଚେୟାର ଆସନ ବରିଷ୍ଠ ନାଗରିକଙ୍କ ପାଇଁ ଏକ ଆଶୀର୍ବାଦ। ଚେୟାର ଯୋଗ ହେଉଛି ସେମାନଙ୍କ ପାଇଁ ଏକ ପ୍ରଭାବଶାଳୀ ଆସନ ଯେଉଁମାନେ ଫିଟ୍ ରହିବାକୁ ଚାହାଁନ୍ତି କିନ୍ତୁ କଠିନ ବ୍ୟାୟାମ କିମ୍ବା ଯୋଗ ଆସନ ସହିତ ସଂଘର୍ଷ କରନ୍ତି। ଚେୟାର ଯୋଗ କିମ୍ବା ଚେୟାରରେ ବସି କରାଯାଉଥିବା ଯୋଗ, ନିରାପଦ, ସରଳ ଏବଂ ସମସ୍ତ ବୟସ, ଓଜନ ଏବଂ ସ୍ୱାସ୍ଥ୍ୟ ଅବସ୍ଥାର ଲୋକଙ୍କ ଦ୍ୱାରା ଅଭ୍ୟାସ କରାଯାଇପାରିବ। ଏହି ବ୍ୟାୟାମ କେବଳ ଶାରୀରିକ ଲାଭ ପ୍ରଦାନ କରେ ନାହିଁ ବରଂ ମନକୁ ଶାନ୍ତ କରେ ଏବଂ ଚାପ ଏବଂ ଅବସାଦ ହ୍ରାସ କରେ। ଏହା ଏକ ଯୋଗ ଆସନ ଯାହା ଗଣ୍ଠି ସମସ୍ୟା ପାଇଁ ସହଜରେ ଅଭ୍ୟାସ କରାଯାଇପାରିବ। ଏପରିକି ଆଣ୍ଠୁ, ନିତମ୍ବ କିମ୍ବା ପିଠି ଯନ୍ତ୍ରଣା ପାଇଁ ମଧ୍ୟ। ଏହି ଆସନ ପଡ଼ିଯିବାର ଆଶଙ୍କା ହ୍ରାସ କରେ। ଏହି ଯୋଗ ଆସନ ଅଭ୍ୟାସ କରିବା ପାଇଁ କମ୍ ପରିଶ୍ରମ ଆବଶ୍ୟକ ହୁଏ ଏବଂ ସୁସ୍ଥ ସ୍ୱାସ୍ଥ୍ୟ ପ୍ରଦାନ କରେ। ଏହି ଆସନ ହୃଦୟ ଏବଂ ମନ ଉଭୟକୁ ସତେଜ କରିଥାଏ। ନିଶ୍ୱାସ ନେବା ବ୍ୟାୟାମ ଅମ୍ଳଜାନ ସଞ୍ଚାଳନକୁ ଉନ୍ନତ କରେ। ଏହି ଆସନ ମାଂସପେଶୀ ନମନୀୟତା ବୃଦ୍ଧି କରେ, କଠୋରତା ହ୍ରାସ କରେ ଏବଂ ଗତିକୁ ସହଜ କରିଥାଏ। ନିୟମିତ ଅଭ୍ୟାସ ରକ୍ତ ସଞ୍ଚାଳନକୁ ଉନ୍ନତ କରେ ଏବଂ ହୃଦ୍‌ରୋଗ ଆଶଙ୍କାକୁ କମ୍ କରେ। ଚେୟାର ଯୋଗ ଚାପ ଏବଂ ଚିନ୍ତାକୁ ହ୍ରାସ କରେ। ଯାହା ମାନସିକ ଶାନ୍ତି ଏବଂ ଭଲ ନିଦ ଆଣିଥାଏ। ଏହା ସନ୍ତୁଳନ ଏବଂ ସମନ୍ୱୟକୁ ଉନ୍ନତ କରେ।





## ଗ୍ରୀଷ୍ମ ଦିନେ ବଢୁଛି କି ଆଖି ସମସ୍ୟା

ଭାରତରେ ଭୟଙ୍କର ଗ୍ରୀଷ୍ମପ୍ରବାହ କେବଳ ଅଂଶୁଘାତ ଆଣୁନାହିଁ, ଏହା ଗୁରୁତର ଚକ୍ଷୁ ସମସ୍ୟା ମଧ୍ୟ ସୃଷ୍ଟି କରୁଛି । ଆଖି ଶୁଖିଯିବା, ନାଲି ପଡିବା, ଜଳାପୋଡ଼ା, ଆଲର୍ଜି ଆଦି ଗୁରୁତର ଆଖି ସମସ୍ୟା ନେଇ ଅଭିଯୋଗ ସଂଖ୍ୟା ବୃଦ୍ଧି ପାଉଥିବା ଚକ୍ଷୁ ବିଶେଷଜ୍ଞମାନେ କହିଛନ୍ତି। ତୀବ୍ର ଅତିବାଇଗଣୀ ବିକିରଣ, ଗରମ ପବନ, ଧୂଳି ଓ ଜଳଶୁଷ୍କତା ଏହାର କାରଣ ବୋଲି ଆଖି ଡାକ୍ତରମାନେ କହିଛନ୍ତ। ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲର ବରିଷ୍ଠ ଚକ୍ଷୁ ସର୍ଜନ୍ ବିଶେଷଜ୍ଞ ଡା.ପଙ୍କଜ ରଞ୍ଜନ କହିଛନ୍ତି, ସାରା ଦେଶରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଆଖିରେ ଶୁଷ୍କତା, ନାଲି ପଡିବା ହସ ଚକ୍ଷୁ ଚାପ ବୃଦ୍ଧି ପାଉଛି। ପିଲାମାନେ ଅଧିକ ସମୟ ମୋବାଇଲରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଉଛି। ଦୃଷ୍ଟିଶକ୍ତି ସୁରକ୍ଷିତ ରଖିବା ପାଇଁ ବିଶେଷଜ୍ଞମାନେ ପାଞ୍ଚଟି ଜରୁରି ଅଭ୍ୟାସ ସୁପାରିସ କରିଛନ୍ତ। ତାହା ହେଲା ସମୟାନ୍ତରରେ ଆଖିରେ ପାଣି ଛାଟିବା, ୟୁଭି-ସୁରକ୍ଷା ଚଷମା ପିନ୍ଧିବା, ୨୦-୨୦-୨୦ ନିୟମ ଅଭ୍ୟାସ କରିବା, ସିଧାସଳଖ ଏୟାର୍ କଣ୍ଡିସନର୍ ବାୟୁ ପ୍ରବାହରୁ ଦୂରେଇ ରହିବା ଏବଂ ନିଜେ ନିଜେ ଔଷଧ ଖାଇବା ପରିବର୍ତ୍ତେ ଡାକ୍ତରୀ ପରାମର୍ଶ ନେବା। ୨୦-୨୦-୨୦ ନିୟମ ଅର୍ଥ ଏକ ସ୍କ୍ରିନ୍‌କୁ ଦେଖିବା ପାଇଁ ପ୍ରତି ୨୦ ମିନିଟ୍‌ରେ ଥରେ ୨୦ ସେକେଣ୍ଡର ବିରତି ନିଅନ୍ତୁ ଏବଂ ୨୦ ଫୁଟ ଦୂରରେ ଥିବା ଜିନିଷକୁ ଦେଖିବାକୁ ଚେଷ୍ଟା କରନ୍ତୁ। ଡାକ୍ତର ପଙ୍କଜ ରଞ୍ଜନ କହିଛନ୍ତି, ଯେତେବେଳେ ଏସି ଓ ଅତ୍ୟଧିକ ଡିଜିଟାଲ ସ୍କ୍ରିନ୍ ବ୍ୟବହାର ହୁଏ ସେତେବେଳେ ଆଖି ଉପରେ ଅଧିକ ଚାପ ବୃଦ୍ଧି ପାଏ। ଗ୍ରୀଷ୍ମଋତୁରେ ଚକ୍ଷୁ ଯତ୍ନ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବର୍ତ୍ତମାନ ଏକ ଡାକ୍ତରୀ ଆବଶ୍ୟକତା ବୋଲି ସେ କହିଛନ୍ତି।

# ଏସଆଇଆରକୁ ଅଣସାମ୍ବିଧାନିକ କହି ପାରିବୁ ନାହିଁ; ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଭାରତୀୟନିର୍ବାଚନ କମିଶନ (ଇସିଆଇ)ଙ୍କ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର) ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ସ୍ପଷ୍ଟୀକରଣ ଦେଇଛନ୍ତି। ବୁଧବାର ମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କ ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଗ୍ରୀନ୍ ସିଗନାଲ୍ ଦେଇଛନ୍ତି।




କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏସଆଇଆର ପ୍ରକ୍ରିୟାରେ କୌଣସି ତ୍ରୁଟି ନାହିଁ ଏବଂ ନିର୍ବାଚନ କମିଶନ ନିଜ ସୀମା ଭିତରେ ରହି ହିଁ କାର୍ଯ୍ୟ କରିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇ କହିଛନ୍ତି ଯେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅସାମ୍ବିଧାନିକ କୁହାଯାଇପାରିବ ନାହିଁ।

ବିହାରରେ ନିର୍ବାଚନ କମିଶନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଭୋଟର ତାଲିକାର 'ବିଶେଷ ଗହନ ପୁନରୀକ୍ଷଣ' (ଏସଆଇଆର) ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଅଦାଲତଙ୍କ କହିବା ଅନୁଯାୟୀ, କେବଳ ସାଧାରଣ ସଂଶୋଧନ ପ୍ରକ୍ରିୟା ଠାରୁ ଏହା ଭିନ୍ନ ବୋଲି ଦର୍ଶାଇ ଏହାକୁ ବେଆଇନ ଘୋଷଣା କରାଯାଇପାରିବ ନାହିଁ। ଏସଆଇଆର ହେଉଛି ଏକ ସମ୍ପୂର୍ଣ୍ଣ ବୈଧ ଏବଂ ସାମ୍ବିଧାନିକ ବ୍ୟବସ୍ଥା। ଏହା ଆଇନଗତ ଭାବେ ସିଦ୍ଧ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି।

ଶୁଣାଣି ସମୟରେ ମାନ୍ୟବର କୋର୍ଟ କହିଛନ୍ତି, ଏସଆଇଆର ଅଧୀନରେ ନିର୍ବାଚନ କମିଶନଙ୍କ ଦ୍ୱାରା ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ତାହା ସେହି ସମୟର ଆବଶ୍ୟକତା ଥିଲା। ନିଜର ପରିଚୟ ପ୍ରମାଣିତ କରିବାର ସମ୍ପୂର୍ଣ୍ଣ ବୋଝ ଭୋଟରଙ୍କ ଉପରେ ଲଦି ଦିଆଯାଇଥିବା ଯେଉଁ ଯୁକ୍ତି ବାଢ଼ାଯାଇଥିଲା, ତାହାକୁ ଆମେ ଗ୍ରହଣ କରୁନାହୁଁ। କୋର୍ଟ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯଦି କୌଣସି ବ୍ୟକ୍ତି ନିଜର ପୁରୁଣା ବାସସ୍ଥାନ ଛାଡ଼ି ଅନ୍ୟତ୍ର ରହୁଛନ୍ତି, ତେବେ ମଧ୍ୟ ସେ ପୁରୁଣା ପ୍ରକ୍ରିୟାରୁ ବାଦ୍ ପଡ଼ିବେ ନାହିଁ। ତାଙ୍କର କିମ୍ବା ତାଙ୍କ ପରିବାରର ନାମ ସେଠାରେ ରହିବ। ତେଣୁ ଏସଆଇଆର ମାଧ୍ୟମରେ କାହାର ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାକୁ ନିୟମ ଉଲ୍ଲଂଘନ ବୋଲି କୁହାଯାଇପାରିବ ନାହିଁ।

ସୁପ୍ରିମକୋର୍ଟ ନିଜ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରିଛନ୍ତି ଯେ, ନିର୍ବାଚନ କମିଶନ ଦସ୍ତାବେଜଗୁଡ଼ିକର ସତ୍ୟତା ଆଧାରରେ ହିଁ ଭୋଟର ତାଲିକାରେ ସ୍ଥାନ ଦେଇଛନ୍ତି। ଏହାକୁ କୌଣସି ପକ୍ଷପାତିତା ବା ମନମୁଖୀ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଇପାରିବ ନାହିଁ। SIR ର ଉଦ୍ଦେଶ୍ୟ କେବଳ ଲୋକଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ନୁହେଁ।

କୋର୍ଟ ନିଜ ନିଷ୍କର୍ଷରେ କହିଛନ୍ତି ଯେ, ଏହି 'ବିଶେଷ ଗହନ ପୁନରୀକ୍ଷଣ' (ଏସଆଇଆର) ଭାରତୀୟ ସମ୍ବିଧାନ ଏବଂ ଆରପି ଆକ୍ଟ ର ନିୟମାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ଯୋଗ୍ୟ। ଏହା ଏକ ବ୍ୟାପକ ପ୍ରକ୍ରିୟା ହୋଇଥିବାରୁ ଏହାର ନୀତି ଓ ନିୟମ ସ୍ଥିର କରିବାର ପୂର୍ଣ୍ଣ ଅଧିକାର ନିର୍ବାଚନ କମିଶନଙ୍କ ପାଖରେ ରହିଛି।

# ବିଶ୍ୱର ପଞ୍ଚମ ବୃହତ ଡିଜିଟାଲ ଅର୍ଥନୀତି ପାଲଟିଲା ଭାରତ

ନୂଆଦିଲ୍ଲୀ: ଭାରତ ବୈଶ୍ୱିକ ଡିଜିଟାଲ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା (AI) ଦୌଡ଼ରେ ଜର୍ମାନୀ, ଫ୍ରାନ୍ସ, ଜାପାନ, ବ୍ରିଟେନ ଏବଂ କାନାଡା ଭଳି ଦେଶଗୁଡ଼ିକୁ ପଛରେ ପକାଇ ଦେଇଛି। "ଷ୍ଟେଟ୍ ଅଫ୍ ଇଣ୍ଡିଆଜ ଡିଜିଟାଲ୍ ଇକୋନୋମୀ ୨୦୨୬" ନାମକ ସଦ୍ୟତମ ରିପୋର୍ଟ ଅନୁଯାୟୀ, ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଡିଜିଟାଲ୍ ଅର୍ଥନୀତି ହୋଇସାରିଛି। ଏହା ବ୍ୟତୀତ, ଏଆଇ (AI) କାର୍ଯ୍ୟଦକ୍ଷତା ଦୃଷ୍ଟିରୁ, ଭାରତ ଏବେ ବିଶ୍ୱରେ ଆମେରିକା, ଚୀନ୍ ଏବଂ ସିଙ୍ଗାପୁର ପରେ ଚତୁର୍ଥ ସ୍ଥାନରେ ଅଛି। ଇଣ୍ଡିଆନ୍ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନେଟ୍ ଇକୋନୋମିକ୍ ରିଲେସନ୍ସ (ICIIER) ର ସେଣ୍ଟର ଫର୍ ଇଣ୍ଟରନେଟ୍ ଆଣ୍ଡ ଡିଜିଟାଲ୍ ଇକୋନୋମି ଦ୍ୱାରା ଶୁକ୍ରବାର ପ୍ରକାଶିତ ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ଡିଜିଟାଲ୍ ଇକୋନୋମି (SIDE) ୨୦୨୬ ରିପୋର୍ଟ ଅନୁଯାୟୀ, ଭାରତ ୨୦୨୫ ରେ ଏହି କ୍ଷେତ୍ରରେ ଅଷ୍ଟମ ସ୍ଥାନରେ ଥିବା ବେଳେ ଏହା ଏଥିରେ ବଡ଼ ଲମ୍ଫ ମାରି ବିଶ୍ୱର ପଞ୍ଚମ ବୃହତ୍ତମ ଡିଜିଟାଲ୍ ଅର୍ଥନୀତି ହୋଇସାରିଛି। ଏହା AI ସୂଚକାଙ୍କରେ ମଧ୍ୟ ଆମେରିକା, ଚୀନ୍ ଏବଂ ସିଙ୍ଗାପୁର ପରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ଭାରତର ସଫଳତା ଉନ୍ନତ ଡିଜିଟାଲ ସଂଯୋଗୀକରଣ, ଫିନଟେକ୍ ଅଭିବୃଦ୍ଧି ଏବଂ ନବସୃଜନ କ୍ଷମତାର ପରିଣାମ। ବିଶ୍ୱ ଜିଡିପିର ୯୬% ଅନ୍ତର୍ଭୁକ୍ତ କରୁଥିବା ୭୧ଟି ଦେଶରେ କରାଯାଇଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ଡିଜିଟାଲ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ଭାରତ ଜର୍ମାନୀ, ଫ୍ରାନ୍ସ, ଜାପାନ ଏବଂ କାନାଡା ସମେତ ପ୍ରମୁଖ ବିକଶିତ ଅର୍ଥନୀତିଗୁଡ଼ିକୁ ପଛରେ ପକାଇ ଦେଇଛି। ଡିଜିଟାଲ୍ ଭାବରେ ପ୍ରଦାନ କରାଯାଇଥିବା ସେବା ମାଧ୍ୟମରେ ଭାରତ ପ୍ରାୟ ୩୧ ଲକ୍ଷ କୋଟି ଟଙ୍କାର ବାଣିଜ୍ୟ କରିଥିଲା। ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ସର୍ବବୃହତ AI ଟ୍ୟାଲେଣ୍ଟ ପୁଲ୍ ଦେଶ ହୋଇସାରିଛି।



# ଏଣିକି ଗୋଟିଏ ନମ୍ବର ହିଁ ମିଳିପାରିବ ସମସ୍ତ ଜରୁକାଳୀନ ସେବା

ନୂଆଦିଲ୍ଲୀ: ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବରକୁ ନେଇ ସୁପ୍ରିମକୋର୍ଟଙ୍କ ନିଷ୍ପତି। ଯାହା ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଯୁଜ୍ୟ, ଏବଂ ତିନି ମାସ ମଧ୍ୟରେ ପାଳନ କରିବାକୁ ବାଧ। ଏହି ସମସ୍ୟାଟି ଜରୁରୀକାଳୀନ କଲ୍ ନମ୍ବର ୧୦୦, ୧୦୧ ଏବଂ୧୦୮ ସହିତ ଜଡିତ, ଯାହାକୁ ପୁଲିସ, ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ବାହିନୀକୁ ଡାକିବା ପାଇଁ ଡାଏଲ୍ କରାଯାଏ। ଏହି ନମ୍ବରଗୁଡ଼ିକୁ ବନ୍ଦ କରି ଗୋଟିଏ ହେଲ୍ପଲାଇନ୍ ନମ୍ବର, ୧୧୨ ରେ ସଂଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଦ୍ୱାରା ଲୋକମାନଙ୍କୁ ଏକାଧିକ ହେଲ୍ପଲାଇନ୍ ନମ୍ବର ମନେ ରଖିବାର ଆବଶ୍ୟକତା ଦୂର ହେବ।

ଜଷ୍ଟିସ ଜେକେ ମାହେଶ୍ୱରୀ ଏବଂ ଏଏସ ଚାନ୍ଦୁରକରଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଜାରି କରିଛନ୍ତି ଏବଂ ଏହାର କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ସମ୍ବିଧାନର ଧାରା ୨୧ ଅନୁଯାୟୀ ନାଗରିକମାନଙ୍କର ଜୀବନ ବଞ୍ଚିବାର ଅଧିକାର ଅଛି, କିନ୍ତୁ ଯଦି ସେମାନେ ସମୟସୀମାରେ ଚିକିତ୍ସା ସେବା ନ ପାଆନ୍ତି ତେବେ ଏହି ଅଧିକାର ଛଡ଼ାଇ ନିଆଯାଇଥାଏ। ତେଣୁ, ଲୋକମାନେ ସମୟସୀମାରେ ଜରୁରୀକାଳୀନ ଚିକିତ୍ସା ପାଇବା ଅତ୍ୟନ୍ତ ଜରୁରୀ। ଏହାକୁ ହାସଲ କରିବା ପାଇଁ, ସହାୟତା ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ।



ସୁପ୍ରିମକୋର୍ଟ କହିଛନ୍ତି ଯେ, ଟ୍ରମା କେୟାର ସିଷ୍ଟମକୁ ଏକୀକୃତ କରିବା, ହେଲ୍ପଲାଇନ୍ ବିଷୟରେ ଜନସଚେତନତା ବୃଦ୍ଧି କରିବା ଏବଂ ପ୍ରାଥମିକ ଚିକିତ୍ସା ଦକ୍ଷତାକୁ ମାନକୀକରଣ କରିବାର ଏକ ଜରୁରୀକାଳୀନ ଆବଶ୍ୟକତା ରହିଛି। ତେଣୁ, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ତିନି ମାସ ମଧ୍ୟରେ ସମସ୍ତ ଜରୁରୀକାଳୀନ ନମ୍ବରକୁ ୧୧୨ ସହିତ ସଂଯୋଗ କରିବାକୁ ବାଧ୍ୟତାମୂଳକ କରାଯାଇଛି, ଉଭୟ ବୈଷୟିକ ଏବଂ କାର୍ଯ୍ୟକ୍ଷମ। ଏହି ନମ୍ବର ଜରୁରୀକାଳୀନ ନମ୍ବର ୧୦୦, ୧୦୧, ୧୦୮, ୧୦୨, ୧୦୩୩ ଏବଂ ୧୦୯୧ କୁ ଏକୀକୃତ କରିବ, ଯାହା ଗୋଟିଏ ହେଲ୍ପଲାଇନ୍ ମାଧ୍ୟମରେ ସମସ୍ତ ସେବା ପ୍ରଦାନ କରିବ।

ରାଜ୍ୟସରକାରଙ୍କୁ ୧୧୨ ହେଲ୍ପଲାଇନ୍ ନମ୍ବରକୁ ପ୍ରଚାର ପ୍ରସାର କରିବାକୁ ପଡିବ। ରାଜ୍ୟ ସରକାରମାନେ ଗୁଡ୍ ସାମରିଟାନ୍ ଆକ୍ଟ ଅଧୀନରେ ଅଭିଯୋଗ ସମାଧାନ ଟିମ ପ୍ରତିଷ୍ଠା କରିବେ। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟକୁ ତିନି ମାସ ମଧ୍ୟରେ ଆଘାତ ମାମଲା ପାଇଁ ଏକ ମେଡିକାଲ୍ ଉଦ୍ଧାର ପ୍ରୋଟୋକଲ୍ ଜାରି କରିବାକୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। କେନ୍ଦ୍ର ସରକାର ଏକ ପ୍ରୋଟୋକଲ ଜାରି କରିବେ, ଯାହା ଅନୁଯାୟୀ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୩ ମାସ ମଧ୍ୟରେ ଏହାକୁ କାର୍ଯ୍ୟକାରୀ ଏବଂ କାର୍ଯ୍ୟକାରୀ କରିବାକୁ ପଡିବ।

# ଆସାମ ବିଧାନସଭାରେ ୟୁସିସି ବିଲ୍ ପାରିତ

ନୂଆଦିଲ୍ଲୀ: ଆସାମ ବିଧାନସଭାରେ ୟୁନିଫର୍ମ ସିଭିଲ୍ କୋଡ୍-୨୦୨୬ (ୟୁସିସି) ବିଲ୍ ବୁଧବାର ପାରିତ ହୋଇଯାଇଛି । ଉତ୍ତରାଖଣ୍ଡ ଏବଂ ଗୁଜୁରାଟ ପରେ ତୃତୀୟ ରାଜ୍ୟ ଭାବେ ଆସାମ ସରକାର ଏହି ବିଲକୁ ପାରିତ କରିବାରେ ସଫଳ ହୋଇଛନ୍ତି । ପୁନର୍ବାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କର ଏହା ପ୍ରଥମ ସଫଳତା । ଗତ ମାସରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ କ୍ୟାବିନେଟ ବୈଠକରେ ୟୁନିଫର୍ମ ସିଭିଲ୍ କୋଡ୍-୨୦୨୬ ପ୍ରସ୍ତାବ ଗୃହୀତ ହୋଇଥିଲା । ଗତ ସୋମବାର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ବିଧାନସଭରେ ବିଲ୍ ଆଗତ କରିଥିଲେ । ୟୁସିସି ଲାଗୁ ହେବା ପରେ ରାଜ୍ୟରେ ସମସ୍ତ ସମ୍ପ୍ରଦାୟ ପାଇଁ ବିବାହ, ଛାଡ଼ପତ୍ର, ଉତ୍ତରାଧିକାରୀ ଏବଂ ଲିବ୍ ଇନ୍ ରିଲେସନସିପ୍ ପାଇଁ ସମାନ ନିୟମ ଲାଗୁ ହେବ। ଅର୍ଥାତ ଲିଭ୍ ଇନ୍ ରିଲେସନସିପ୍ ଏଣିକି ଆଇନଗତ ପ୍ରକ୍ରିୟାରେ ଆସିବ । ବିବାହରେ ସମସ୍ତ ରୀତିନୀତି ସେହି ଧର୍ମ ଅନୁସାରେ ହେବ । କିନ୍ତୁ ବିବାହ ପଞ୍ଜିକରଣ ଏବଂ ଛାଡ଼ପତ୍ର ବାଧ୍ୟତାମୂଳକ ରହିବ। ତେବେ ଅନୁସୂଚିତ ଜାତି ପ୍ରବଣ ରାଜ୍ୟକୁ ଏଥିରୁ ବାଦ ରଖାଯାଇଛି । ଉଭୟ ଲିଭ-ଇନ୍ ପାର୍ଟନରଙ୍କୁ ଜିଲ୍ଲା ରେଜିଷ୍ଟ୍ରାରଙ୍କ ନିକଟରେ ସେମାନଙ୍କର ସମ୍ପର୍କ ପଞ୍ଜିକୃତ କରିବାକୁ ପଡିବ। ସେମାନେ କେବଳ ସେମାନଙ୍କର ସହବାସ ନୁହେଁ ବରଂ ଅଲଗା ହେବାର ନିଷ୍ପତ୍ତିକୁ ମଧ୍ୟ ଜଣାଇବାକୁ ପଡିବ। ଯଦି ଲିଭ୍ ଇନ୍ ରେ ରହୁଥିବାବେଳେ ଜନ୍ମିତ ସନ୍ତାନ ବୈଧ ହେବ ଏବଂ ତାଙ୍କର ସମସ୍ତ ଅଧିକାର ରହିବ । ଏପରିକି ଯଦି ଜଣେ



ମହିଳା ତାଙ୍କ ଲିଭ୍-ଇନ୍ ପାର୍ଟନର ବା ପ୍ରେମିକଙ୍କ ଦ୍ୱାରା ପରିତ୍ୟକ୍ତ ହୁଅନ୍ତି, ତେବେ ସେ ଭରଣପୋଷଣ ଦାବି କରିବାର ଅଧିକାର ପାଇ ପାରିବେ । ସେହିପରି ସମସ୍ତ ବିବାହକୁ ପଞ୍ଜିକରଣ କରିବା ବାଧ୍ୟତାମୂଳକ । ବିବାହର 60 ଦିନ ମଧ୍ୟରେ ବିବାହ ପଞ୍ଜିକରଣ କରିବେ । ଯେଉଁମାନେ ଲିଭ୍-ଇନ୍ ରିଲେସନରେ ରହୁଛନ୍ତି ସେମାନେ 30 ଦିନ ମଧ୍ୟରେ ପଞ୍ଜିକରଣ କରିବା ବାଧ୍ୟତାମୂଳକ। ଯେଉଁମାନେ ବିବାହ କିମ୍ବା ଛାଡ଼ପତ୍ର ପଞ୍ଜିକରଣ କରିବେ ନାହିଁ ସେମାନଙ୍କୁ 10,000 ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବ ।

ସମସ୍ତ ଧର୍ମର ଲୋକଙ୍କ ପାଇଁ ବିବାହ ପାଇଁ ସ୍ୱତନ୍ତ୍ର ନିୟମ ରହିବ । ସୁବ ଧର୍ମର ବିବାହ ଯୋଗ୍ୟ ବୟସ ମଧ୍ୟ ସମାନ ରହିବ । ଡ୍ରାଫ୍ଟ ଅନୁଯାୟୀ ପୁରୁଷଙ୍କ ପାଇଁ ସର୍ବନିମ୍ନ ବୟସ ୨୧ ଏବଂ ମହିଳାଙ୍କ ପାଇଁ ୧୮ ବର୍ଷ । ଯଦି କୌଣସି କେହି ଭ୍ରମାତ୍ମକ ଦିଅନ୍ତି ତେବେ ବିବାହ ବାତିଲ ହେବ । ୟୁସିସି ମଧ୍ୟ ବହୁ ବିବାହ ପ୍ରଥାକୁ ନିଷିଦ୍ଧ କରାଯିବ । ଯଦି ଜଣେ ପୁରୁଷ ଆଇନଗତ ଛାଡପତ୍ର ନ ନେଇ ଦ୍ୱିତୀୟ କିମ୍ବା ତୃତୀୟ ବିବାହ କରନ୍ତି କିମ୍ବା ତାଙ୍କର ଏକାଧିକ ପତ୍ନୀ ଥାଆନ୍ତି, ତେବେ ତାଙ୍କୁ ଦଣ୍ଡିତ କରାଯିବ । ଏକାଧିକ ପତ୍ନୀ ରଖିଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାର ପ୍ରାବଧାନ ରହିଛି । ସମସ୍ତ ଧର୍ମର ଲୋକଙ୍କ ପାଇଁ ଉତ୍ତରାଧିକାର ପାଇଁ ସମାନ ନିୟମ ରହିବ। ଡ୍ରାଫ୍ଟରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତି ଇଚ୍ଛାପତ୍ର ପ୍ରସ୍ତୁତ କରନ୍ତି ନାହିଁ, ତେବେ ଉତ୍ତରାଧିକାରୀଙ୍କୁ ତିନୋଟି ବର୍ଗରେ ବିଭକ୍ତ କରାଯିବ, ଯଥା- ପ୍ରଥମ ଶ୍ରେଣୀର ଉତ୍ତରାଧିକାରୀ, ଦ୍ୱିତୀୟ ଶ୍ରେଣୀର ଉତ୍ତରାଧିକାରୀ ଏବଂ ଅନ୍ୟାନ୍ୟ ସମ୍ପର୍କୀୟ। ପ୍ରଥମ ଶ୍ରେଣୀର ଉତ୍ତରାଧିକାରୀମାନଙ୍କ ମଧ୍ୟରେ ପତି/ ପତ୍ନୀ, ସନ୍ତାନ ଏବଂ ପିତାମାତା ଅନ୍ତର୍ଭୁକ୍ତ ହେବେ। ଦ୍ୱିତୀୟ ଶ୍ରେଣୀର ଉତ୍ତରାଧିକାରୀମାନଙ୍କ ମଧ୍ୟରେ ସାବତ ପିତାମାତା, ଜେଜେବାପା ଏବଂ ଜେଜେବାପା ଅନ୍ତର୍ଭୁକ୍ତ ହେବେ। ଅନ୍ୟ ସମ୍ପର୍କୀୟମାନଙ୍କ ମଧ୍ୟରେ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତି ବ୍ୟତୀତ ଅନ୍ୟ ବ୍ୟକ୍ତି ଅନ୍ତର୍ଭୁକ୍ତ ହେବେ।

## ପ୍ରଥମ ପୃଷ୍ଠାରୁ ଅବଶିଷ୍ଟାଂଶ

### ଓଡ଼ିଶାର ବେଲପଣାକୁ...

ମହାରାଷ୍ଟ୍ର ଏବଂ କୋଙ୍କଣର ହାପୁସ୍, ଆଲଫୋନ୍ସୋ, ଗୁଜୁରାଟର କେଶର, ଏହା ଆମ୍ବ ରସର ଆମ୍ବ, ଉତ୍ତର ପ୍ରଦେଶର ଦଶହରୀ ଏବଂ ମୋର କାଶୀର ଲାଙ୍ଗରା ଓଡ଼ିଶାର ସୁବର୍ଣ୍ଣରେଖା । ମନ କି ବାତରେ ବେଲ ପଣାର ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଖରାଦିନରେ ବିଶେଷ କରି ଗ୍ରୀଷ୍ମପ୍ରବାହ ରେ ପେଟ ଥଣ୍ଡା ରଖେ ବେଲ। ଶରୀର ର ଜଳୀୟ ଅଂଶକୁ ରଖିବାରେ ସାହାଯ୍ୟ କରେ । ଓଡିଶାରେ ପଣାସଂକ୍ରାନ୍ତିରୁ ଏହାର ଚାହିଦା ବଢିଥାଏ । ତେଣୁ ଆଜି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବେଲ ପଣା ର ପ୍ରଶଂସା କରାଯାଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ବେଲ ପଣା ବ୍ୟବସାୟୀ । ଏହି ପଣା ଏକ ମାତ୍ର ପଣା ଯେଉଁଥିରେ କୌଣସି କେମିକାଲ କି ଅପମିଶ୍ରଣ ହୁଏ ନାହିଁ । ସଂଗେ ସଂଗେ ବେଲକୁ ଫଟେଇ ପଣା ପ୍ରସ୍ତୁତ କରାଯାଏ । କିଏ ଖାଲି ବେଲ ପଣା ପିଅନ୍ତି ତ ଆଉ କିଏ ଏହାକୁ ଆହୁରି ସୁଆଦିଆ କରିବା ପାଇଁ ଛେନା ,ନଡ଼ିଆ ଓ କଦଳୀ ମଧ୍ୟ ମିଶାଇ ପଣା କରନ୍ତି । ଦେହ ପାଇଁ ଏହାର ଉପକାରିତା ବେଶ ଅଧିକ ରହିଛି। ଗ୍ରାହକ ମଧ୍ୟ ଖୁସିରେ ବେଲପଣା ପିଉଛନ୍ତି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବେଲ ପଣାର ପ୍ରଶଂସା ଦ୍ୱାରା ବେପାର ଆହୁରି ଭଲ ହେବ ବୋଲି ବେଲପଣା ଦୋକାନୀ କହିଛନ୍ତି ।

### ଦ୍ୱିତୀୟ ବର୍ଷ ପୂର୍ତ୍ତିରେ...

କରିବାରେ କ'ଣ ସମସ୍ୟା ରହିଛି ସେ ନେଇ ମୁଖ୍ୟମନ୍ତ୍ରୀ ବିଶଦ ଆଲୋଚନା କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଗୋଟିଏ କିମ୍ବା ଦୁଇଟି ବଡ଼ ଯୋଜନା ଘୋଷଣା କରିବାକୁ ଯୋଜନା କରୁଛନ୍ତି। ଏଥିପାଇଁ ବିଭିନ୍ନ ବିଭାଗକୁ ପ୍ରସ୍ତାବ ମଗାଯାଇଛି। ଯେଉଁଥିରେ ଅଧିକ ହିତାଧିକାରୀ ଉପକୃତ ହେବେ, ସେହି ଯୋଜନାକୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯିବ। ଏହାସହ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ କରାଯିବ। ଏଥିପାଇଁ ବିଭାଗଗୁଡ଼ିକୁ ଯୋଜନାର ତାଲିକା ପ୍ରସ୍ତୁତ କରି ସପ୍ତାହକ ମଧ୍ୟରେ ଦେବାକୁ କୁହାଯାଇଛି। କୁହାଯାଇଛି ଯେ ୨୦୩୬ ବିକଶିତ ଓଡ଼ିଶା ଗଠନ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ତାହାକୁ ନଜରରେ ରଖି ବିଭାଗଗୁଡ଼ିକ ସେମାନଙ୍କ ଯୋଜନାର ତାଲିକା ଦେବେ। ଜୁନ୍ ୧୨ରେ ବିଜେପି ସରକାରର ଦ୍ୱିତୀୟ ବର୍ଷ ପୂର୍ତ୍ତି ହେଉଥିଲେ ହେଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସୂଚୀ ଅନୁଯାୟୀ କାର୍ଯ୍ୟକ୍ରମର ତାରିଖ ଧାର୍ଯ୍ୟ ହେବ। ସେହିପରି ଦେଶରେ ତେଲ ସଂକଟ ଯୋଗୁ ରାଲି, ସରକାରୀ କାର୍ଯ୍ୟକ୍ରମ କାଣ୍ଟଛାଣ୍ଟ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିବାରୁ କିପରି ଅଧିକରୁ ଅଧିକ ଲୋକଙ୍କୁ କାର୍ଯ୍ୟକ୍ରମକୁ ଅଣାଯିବ, ସେ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

### ଓଡ଼ିଶା ହେବ ....

ଏବେ ଓଡ଼ିଶା ମୁହାଁ ହେଉଛନ୍ତି ବୋଲି ସେ କହିଥିଲେ। ପାରାଦୀପର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଗୁଜରାଟର ମୁନ୍ଦ୍ରା ବନ୍ଦର ଶୈଳୀରେ 'Two-Coast Strategy' ବା ଦୁଇ ଉପକୂଳ ବିକାଶ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିବେ, ଯେଉଁଥିରେ ପାରାଦୀପ ସବୁଠାରୁ ଶୀର୍ଷରେ ରହିବ।

ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ରିଫାଇନାରୀ ଏବଂ ପେଟ୍ରୋ କେମିକାଲ୍ସ କମ୍ପ୍ଲେକ୍ସ ପରେ ଏବେ ଏକ କ୍ରୁଜ୍ ଟର୍ମିନାଲ୍ ଏବଂ ମେଗା ଜାହାଜ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ଏହା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଥିବା ୫ ହଜାର କୋଟି ଟଙ୍କା ଅନୁଦାନରେ ପାରାଦୀପ-କଟକ-ଭୁବନେଶ୍ୱର-ପୁରୀ ଅର୍ଥନୈତିକ କରିଡର (BCPPER) ନିର୍ମାଣ ହେବ, ଯେଉଁଥିରେ ପାରାଦୀପ 'ମୁଖଶାଳା' ସାଜିବ। ଆଗାମୀ କିଛି ବର୍ଷ ମଧ୍ୟରେ କେବଳ ପାରାଦୀପ ଅଞ୍ଚଳରେ ୧ ଲକ୍ଷରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି ହେବ। ପରିଶେଷରେ, "ବାଣିଜ୍ୟେ ବସତେ ଲକ୍ଷ୍ମୀ" ନୀତିକୁ ଆଧାର କରି ୨୦୩୬ ସୁଦ୍ଧା ଓଡ଼ିଶା ଗଠନର ଶତାବ୍ଦୀ ପୂର୍ତ୍ତି ଅବସରରେ ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ଓ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଉକ୍ତ କାର୍ଯ୍ୟାରମ୍ଭ ଉତ୍ସବରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ଏବଂ ସମଗ୍ର ଜଗତସିଂହପୁର ଜିଲ୍ଲାର ଔଦ୍ୟୋଗିକ ବିକାଶ ପାଇଁ ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି। ନିଜ ଅଭିଭାଷଣରେ ସେ କହିଛନ୍ତି ଯେ, ସ୍ଥାନୀୟ ଜନସାଧାରଣ ଯେଉଁ ସ୍ୱପ୍ନ ଦୀର୍ଘ ଦୁଇ ଦଶନ୍ଧି ଧରି ଦେଖିଥିଲେ, ତାହା ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଦ୍ରୁତ ଏବଂ ସ୍ୱଚ୍ଛ ନୀତି ଯୋଗୁଁ ବାସ୍ତବ ରୂପ ନେବାକୁ ଯାଉଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଶେଷ କରି ସ୍ଥାନୀୟ ଯୁବକଯୁବତୀଙ୍କ ନିଯୁକ୍ତି ଏବଂ କ୍ରାନ୍ତିକାରୀ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟରେ ଶିଳ୍ପାୟନର ବାତାବରଣକୁ ଅଧିକ ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସହାୟତା ଏବଂ ସୁରକ୍ଷା ଯୋଗାଇ ଦେବା ପାଇଁ ଶିଳ୍ପ ବିଭାଗ ଦିନରାତି କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି। JSW Steel ପକ୍ଷରୁ କରାଯାଉଥିବା ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ଏହି ବିଶାଳ ପୁଞ୍ଜି ନିବେଶ ଓଡ଼ିଶାର ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ ବୋଲି ମନ୍ତ୍ରୀ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି। ଏହି ସମାରୋହରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏବଂ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ରାଜ୍ୟ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ACS) ହେମନ୍ତ ଶର୍ମା, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, JSW ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, JSWର ସିଇଓ (CEO) ଜୟନ୍ତ ଆଚାର୍ଯ୍ୟ ଏବଂ JSW ର ସଭାପତି ଅନୀଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଟିମ୍ ଇଣ୍ଡିଆକୁ ଫେରିବେ ରଜତ ପାଟିଦାର

ନୂଆଦିଲ୍ଲୀ; ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଷ୍ଟାର, ସର୍ଦାର କ୍ୟାପ୍ଟେନ୍ ରଜତ ପାଟିଦାର । ତାଙ୍କ କ୍ୟାପ୍ଟେନ୍ସିରେ ୧୮ ବର୍ଷରେ ଆରସିବି ଆଇପିଏଲ୍ ଟ୍ରଫି ଜିତିଛି । ଚଳିତ ଆଇପିଏଲ କ୍ୱାଲିଫାୟାର ୱାନରେ ତାଙ୍କର ବିସ୍ଫୋରକ ଇନିଂସ ବଳରେ ଲଗାତାର ଦ୍ୱିତୀୟ ଥର ଫାଇନାଲରେ ପହଞ୍ଚିଛି ଆରସିବି । ୩୩ ବଲରେ ଅପରାଜିତ ୯୩ ରନ୍ । ୫ ଚୌକା, ୯ ଛକା ସହ ୨୮୧.୮୧ର ପ୍ରଚଣ୍ଡ ଷ୍ଟ୍ରାଇକ୍ ରେଟ୍ । ରଜତଙ୍କ ଏହି ଧମାକାଦାର ଇନିଂସ ପରେ ତାଙ୍କର ଟିମ୍ ଇଣ୍ଡିଆ ସିଲେକ୍ସନ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ପୂର୍ବ କ୍ରିକେଟର ତଥା କମେଣ୍ଟେଟର ଆକାଶ ଚୋପ୍ରା କହିଛନ୍ତି ରଜତ ପାଟିଦାରଙ୍କ ଟିମ୍ ଇଣ୍ଡିଆ ଟି-ଟ୍ୱେଣ୍ଟିରେ ସିଲେକ୍ସନ ହୋଇପାରେ ବୋଲି କହିଛନ୍ତି ।

ଗୁଜରାଟ ବିପକ୍ଷ ପ୍ରଥମ କ୍ୱାଲିଫାୟାରରେ ମହାଶକ୍ତିଶାଳୀ ହିମାଳୟର କୋଳରେ ଅବସ୍ଥିତ ଧର୍ମଶାଳା ଷ୍ଟାଡିୟମରେ, ରଜତ ଏକ କମାଣ୍ଡିଂ ଇନିଂସ ଖେଳିଥିଲେ । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଲଗାତାର ଦ୍ୱିତୀୟ ଏବଂ ଚତୁର୍ଥ IPL ଫାଇନାଲରେ ପହଞ୍ଚାଇଥିଲେ । ଏବେ, ଟିମ୍ ଇଣ୍ଡିଆରେ ରଜତ ପାଟିଦାରଙ୍କ ସାମିଲ ପାଇଁ ଦାବି ଜୋର ଧରିଛି । ରଜତ ସିଜନ ପରେ ସିଜନରେ ଉନ୍ନତି କରୁଛନ୍ତି। ସେ ନିରନ୍ତର ରନ୍ ସ୍କୋର କରୁଛନ୍ତି। ତାଙ୍କ ଅଧିନାୟକତ୍ୱ ଦଳକୁ ବିଜୟ ଆଡକୁ ନେଇଛି । ଆସନ୍ତୁ ୫ଟି କାରଣ ଉପରେ ନଜର ପକାଇବା କାହିଁକି ଟିମ୍ ଇଣ୍ଡିଆ ପାଇଁ ରଜତ ପାଟିଦାରଙ୍କୁ ଚୟନ କରିବା ସଠିକ୍ ନିଷ୍ପତ୍ତି ହେବ ।

ଭାରତକୁ ବର୍ତ୍ତମାନ ଏପରି ଜଣେ ବ୍ୟାଟର ଆବଶ୍ୟକ ଯିଏ ୪ କିମ୍ବା ୫ ନମ୍ବରରେ ଆସିବା ମାତ୍ରେ ମ୍ୟାଚ୍ ଗତି ବଦଳାଇ ପାରିବେ। ରଜତ ପାଟିଦାର ଆଇପିଏଲ୍ରେ ଆର୍ସିବି ପାଇଁ ଠିକ୍ ସେହିପରି କରୁଛନ୍ତି । ଚଳିତ ସିଜିନ୍‌ରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୦୬.୬୬ ଥିଲା। ସେ ଅନେକ ମ୍ୟାଚ୍ ବିଜୟୀ ଇନିଂସ ମଧ୍ୟ




ଖେଳିଛନ୍ତି । ଗୁଜରାଟ ବିପକ୍ଷରେ ତାଙ୍କର ଅପରାଜିତ ୯୩ ରନ୍ ବ୍ୟତୀତ, ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୫୬ (୩୯), ରାଜସ୍ଥାନ ବିପକ୍ଷରେ ୬୩ (୪୦), ଲକ୍ଷ୍ନୌ ବିପକ୍ଷରେ ୬୧ (୩୧), ମୁମ୍ବାଇ ବିପକ୍ଷରେ ୫୩ (୨୦) ଏବଂ ସିଏସ୍କେ ବିପକ୍ଷରେ ୪୮* (୧୯) ରନ୍ ର ବିସ୍ଫୋରକ ଇନିଂସକୁ କେହି ଭୁଲିପାରିବେ ନାହିଁ । ବର୍ତ୍ତମାନ, ଭାରତୀୟ ବ୍ୟାଟର ବିଦେଶୀ ସ୍ପିନରମାନଙ୍କ ବିପକ୍ଷରେ ସଂଘର୍ଷ କରୁଛନ୍ତି, କିନ୍ତୁ ସ୍ପିନ୍ ହେଉଛି ରଜତଙ୍କ ସବୁଠାରୁ ବଡ଼ ଶକ୍ତି । ସେ ସ୍ପିନରମାନଙ୍କୁ ଆକ୍ରମଣ କରନ୍ତି । ଓଭରଗୁଡ଼ିକରେ ରନ ହାରକୁ ହ୍ରାସ କରିବାକୁ ଦିଅନ୍ତି ନାହିଁ। ଧର୍ମଶାଳାରେ କଭର ଷ୍ଟାଣ୍ଡ ଉପରେ କାଗିସୋ ରାବାଡାଙ୍କ ଦ୍ୱାରା ଅଫ୍ ଷ୍ଟମ୍ପ ବାହାରେ ଏକ ଭଲ-ଲେଂଥ୍ ବଲ ଉଠାଇବା ଦ୍ୱାରା ଏହା ପ୍ରମାଣିତ ହୁଏ ।

ଚୟନକର୍ତ୍ତାମାନେ ସୂର୍ଯ୍ୟକୁମାର ଯାଦବଙ୍କ ବଦଳରେ ଜଣେ ଖେଳାଳିଙ୍କୁ ଖୋଜୁଛନ୍ତି । ଅର୍ଥାତ୍, ଜଣେ ବ୍ୟାଟର ଯିଏ ତାଙ୍କୁ ମଧ୍ୟକ୍ରମରେ ବଦଳାଇପାରିବେ ଏବଂ ଦଳର ଅଧିନାୟକ କରିପାରିବେ । ସେ ଭାରତକୁ ପରବର୍ତ୍ତୀ T20 ବିଶ୍ୱକପ୍ ଜିତିବାରେ ସାହାଯ୍ୟ କରିପାରିବେ ଏବଂ ପ୍ରତିକୂଳ ପରିସ୍ଥିତିରେ ସ୍ଥିରତା ବଜାୟ ରଖିପାରିବେ । ରଜତ ଚାପରେ ଫ୍ରାଞ୍ଚାଇଜ୍ କ୍ରିକେଟରେ ନିରନ୍ତର ଫଳାଫଳ ପ୍ରଦାନ କରିଛନ୍ତି, କେବଳ RCB ନୁହେଁ ବରଂ ଟିମ୍ ଇଣ୍ଡିଆର ଅଧିନାୟକତ୍ୱ ପାଇଁ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ପ୍ରମାଣିତ କରିଛନ୍ତି । ଯଦି ରଜତ ପାଟିଦାରଙ୍କୁ ଭାରତୀୟ ଦଳ ପାଇଁ ଚୟନ କରାଯାଏ, ତେବେ ସେ ଏକ ପ୍ରସ୍ତୁତ ଅଧିନାୟକ ବିକଳ୍ପ ହେବେ ।

ଆଇପିଏଲ ଏଲିମିନେଟରରେ ଅପରାଜିତ ୧୧୨ ରନ୍ ଏବଂ IPL 2026 କ୍ୱାଲିଫାୟରରେ ୩୩ ବଲ୍‌ରେ ୯୩ ରନ୍ କରିଥିଲେ । ରଜତ ପାଟିଦାର ଜଣେ ଖେଳାଳି ନୁହଁନ୍ତି ଯିଏ ଚାପରେ ଭାଙ୍ଗି ପଡ଼ନ୍ତି, ବରଂ ସଫଳ ହୁଅନ୍ତି । ଜଣେ ମହାନ ଖେଳାଳିଙ୍କ ବିଶେଷତ୍ୱ ହେଉଛି ଯେ, ଯେତେବେଳେ ଦଳକୁ ସବୁଠାରୁ ଅଧିକ ଆବଶ୍ୟକ ହୁଏ ସେତେବେଳେ ସେ ରନ୍ ସ୍କୋର କରନ୍ତି । ସେ କେବଳ ଆଶାର ସମୁଦ୍ରର ସମ୍ମୁଖୀନ ହେଲେ ହିଁ ଦୌଡ଼ନ୍ତି। ଭାରତୀୟ ଦଳରେ ରଜତ ପତିଦାରଙ୍କୁ ଅଣଦେଖା କରିବା କେବଳ ତାଙ୍କ ପ୍ରତି ଅନ୍ୟାୟ ହେବ ନାହିଁ ବରଂ ଭାରତୀୟ କ୍ରିକେଟ୍ ପାଇଁ କ୍ଷତି ହେବ।

ରଜତ ପତିଦାର କେବଳ ଗୋଟିଏ ସିଜନର ଆଶ୍ଚର୍ଯ୍ୟ କିମ୍ବା IPL ଷ୍ଟାର ନୁହଁନ୍ତି । ସେ ଭାରତ ପାଇଁ ଆନ୍ତର୍ଜାତୀୟ କ୍ରିକେଟ ମଧ୍ୟ ଖେଳିଛନ୍ତି । ସେ ୨୦୨୩ ମସିହାରେ କେଏଲ ରାହୁଲଙ୍କ ଅଧିନାୟକତ୍ୱରେ ତାଙ୍କର ଏକଦିବସୀୟ ଡେବ୍ୟୁ କରିଥିଲେ ଏବଂ ୨୦୨୪ ମସିହାରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ । କିନ୍ତୁ, ଏହା ପରେ ତାଙ୍କୁ ଅଧିକ ସୁଯୋଗ ମିଳିନଥିଲା ଏବଂ ପରେ ତାଙ୍କୁ ବାଦ ଦିଆଯାଇଥିଲା । ଏହାର ଅର୍ଥ ହେଉଛି ଟିମ୍ ଇଣ୍ଡିଆ ପରିବେଶ, ଡ୍ରେସିଂ ରୁମ୍ ଏବଂ ଆନ୍ତର୍ଜାତୀୟ ଚାପ ତାଙ୍କ ପାଇଁ ଅପରିଚିତ ନୁହେଁ । ଏହା ବ୍ୟତୀତ, ସେ ଘରୋଇ କ୍ରିକେଟର ମଧ୍ୟ ଜଣେ ମାଷ୍ଟର । ସେ ତାଙ୍କ ଘରୋଇ ଦଳ ମଧ୍ୟପ୍ରଦେଶକୁ ରଣଜୀ ଟ୍ରଫି ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଏସିଆନ୍ ଗେମ୍ସ ପାଇଁ ଭାରତୀୟ ଦଳର ସମ୍ଭାବ୍ୟ ଖେଳାଳିଙ୍କ ମଧ୍ୟରେ ବୈଭବ

ନୂଆଦିଲ୍ଲୀ: ଭାରତୀୟ ପୁରୁଷ କ୍ରିକେଟ ଦଳ ୨୦୨୩ ଏସୀୟ କ୍ରୀଡ଼ା ବା ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ପୁଣି ଥରେ ୨୦୨୬ ଏସଆନ୍ ଗେମ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୩ ଏସୀୟ କ୍ରୀଡ଼ା ଦଳର ନଅ ଜଣ ସଦସ୍ୟଙ୍କୁ ଚଳିତ ବର୍ଷର ଇଭେଣ୍ଟ ପାଇଁ ଭାରତର ୩୦ ସମ୍ଭାବ୍ୟ ଖେଳାଳିଙ୍କ ତାଲିକାରେ ସାମିଲ କରାଯାଇଛି। ସମ୍ଭାବ୍ୟ ଖେଳାଳିଙ୍କ ମଧ୍ୟରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଏବଂ ଶ୍ରେୟସ ଆୟରଙ୍କୁ ସାମିଲ କରାଯାଇଛି। ୨୦୨୬ ଏସୀୟ କ୍ରୀଡ଼ା ପାଇଁ ଭାରତର ୩୦ ସଦସ୍ୟ ବିଶିଷ୍ଟ ସମ୍ଭାବ୍ୟ ଦଳରେ ଟି-୨୦ ବିଶ୍ୱକପ ବିଜୟୀ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ଥାନ ପାଇନାହାଁନ୍ତି। ଜାତୀୟ ଗଣମାଧ୍ୟମର ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇ ୨୦୨୬ ଏସୀୟ




କ୍ରୀଡ଼ାର ଆୟୋଜକଙ୍କ ସହ ସମ୍ଭାବ୍ୟ ଖେଳାଳିଙ୍କ ତାଲିକା ସେୟାର କରିଛି, ଯେଉଁଥିରୁ ୧୫ ଜଣିଆ ଚୂଡ଼ାନ୍ତ ଦଳ ପରେ ଚୟନ କରାଯିବ। ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୪ ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଗତ ସିଜିନରେ ଭାରତକୁ ସ୍ୱର୍ଣ୍ଣ ପଦକ ବିଜୟୀ କରିଥିବା ଋତୁରାଜ ଗାୟକୱାଡଙ୍କୁ ମଧ୍ୟ ତାଲିକାରେ ସାମିଲ କରାଯାଇଛି। କିନ୍ତୁ ସେ ଜୁଲାଇ ୨୦୨୪ ରେ ଜିମ୍ବାୱେ ଗସ୍ତ ପରଠାରୁ ଭାରତ ପାଇଁ କୌଣସି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନାହାଁନ୍ତି।

ଚଳିତ ବର୍ଷ ଏସୀୟ କ୍ରୀଡ଼ାରେ ପୁରୁଷ କ୍ରିକେଟ୍ ମୁକାବିଲା ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଘରୋଇ ମଇଦାନରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ସହିତ ଅନୁଷ୍ଠିତ ହେବ, ଯାହା ସେପ୍ଟେମ୍ବର ୨୭ ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ରହିବ। ଭାରତର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଦିନିକିଆରେ ବ୍ୟସ୍ତ ରହିବେ ବୋଲି ଆଶା କରାଯାଉଛି, ତେଣୁ ସେ କଣ୍ଟିନେଣ୍ଟାଲ ଇଭେଣ୍ଟ ପାଇଁ ଜାପାନ ଯାତ୍ରା କରିବେ ନାହିଁ। କିମ୍ବଦନ୍ତୀ ବ୍ୟାଟର ଭିଭିଏସ ଲକ୍ଷ୍ମଣ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ତଥାପି, ଏହି ଇଭେଣ୍ଟ ପାଇଁ ମନୋନୀତ ଭାରତୀୟ ଦଳ ଏକ ଶକ୍ତିଶାଳୀ ଦଳ ହେବ ଏବଂ ବୈଭବଙ୍କ ଆଗମନ ଦଳର ବ୍ୟାଟିଂକୁ ଆହୁରି ମଜବୁତ କରିବ।

## ‘ଡାଏରୀ’ ର ଟିଜର ରିଲିଜ୍

ଓଡ଼ିଆ ସିନେମା ଜଗତର ଜଣାଶୁଣା ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ତାଙ୍କର ଆଗାମୀ ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ଡାଏରୀ’ ସହ ପୁଣିଥରେ ପ୍ରେକ୍ଷାଳୟକୁ ଆସିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛନ୍ତି । ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ଏହି ପ୍ରତୀକ୍ଷିତ ଫିଲ୍ମର ଆନୁଷ୍ଠାନିକ ଘୋଷଣା କରାଯିବା ସହ ଏହାର ଏକ ଚିତ୍ତାକର୍ଷକ ପ୍ରଥମ ଝଲକ ବା ଗ୍ଲିମ୍ପସ୍ ମଧ୍ୟ ଦର୍ଶକଙ୍କ ସାମ୍ନାକୁ ଅଣାଯାଇଥିଲା । ପ୍ରଥମ ପ୍ରାକ୍‌ଦର୍ଶନ ରିଲିଜ୍ ହେବା ପରଠାରୁ ଫିଲ୍ମଟିକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଉତ୍ସୁକତା ଅନେକ ଗୁଣ ବଢ଼ିଯାଇଥଲା । ଏହି ଉତ୍ସାହକୁ ଆହୁରି ଦ୍ୱିଗୁଣିତ କରିବା ପାଇଁ ନିର୍ମାତାଙ୍କ ପକ୍ଷରୁ ସୋସିଆଲ ମିଡିଆରେ ଏକ ନୂଆ ପୋଷ୍ଟର ଜାରି କରାଯାଇ ଫିଲ୍ମର ଅଫିସିଆଲ ଟିଜର ମୁକ୍ତିଲାଭ ହୋଇଯାଇଛି । ଏହା ପୂର୍ବରୁ ମୁକ୍ତିଲାଭ କରିଥିବା ୧ ମିନିଟ୍ ୩୩ ସେକେଣ୍ଡର ପ୍ରଥମ ଗ୍ଲିମ୍ପସ୍ ଭିଡିଓରେ ଚଳଚ୍ଚିତ୍ରର ପରିବେଶ ଓ କାହାଣୀର ଗତିପଥ ସମ୍ପର୍କରେ ଏକ ସୁନ୍ଦର ପୂର୍ବାଭାସ ମିଳିଥିଲା । ଭିଡିଓର ପ୍ରାରମ୍ଭରେ ଏକ ପାରମ୍ପରିକ ଘରର ଦୃଶ୍ୟ ଦେଖାଯିବା ସହ ଏକ ସୁନ୍ଦର ବାକ୍ସ ଭିତରେ ରଖାଯାଇଥିବା ଏକ ପୁରୁଣା ଡାଏରୀ ନଜରକୁ ଆସିଥିଲା । ସେହି ଡାଏରୀକୁ ଯେତେବେଳେ ଜଣେ ମହିଳା । ଖୋଲୁଛନ୍ତି, ସେଠାରେ ୨୦୧୯ ମସିହାର ଉଲ୍ଲେଖ ରହିଥିବା ଦେଖିବାକୁ ମିଳୁଛି । ଡାଏରୀର ପ୍ରଥମ ପୃଷ୍ଠାରେ ଅଭିନେତା ଅର୍ଦ୍ଧେନ୍ଦୁଙ୍କର ଏକ ଚମତ୍କାର ଫଟୋ ରହିଛି ଏବଂ ତା’ ପାର୍ଶ୍ୱରେ ‘ମୋ ଠୁ ମୋ ଯାଏଁ...’ ବୋଲି ଏକ ଆବେଗପୂର୍ଣ୍ଣ ସଂଳାପ ଲେଖାଯାଇଛି । ଏହା ପର ପୃଷ୍ଠା ଓଲଟାଇବା ସହିତ ଫିଲ୍ମର ଅସଲ ପ୍ରେମ କାହାଣୀ ଆରମ୍ଭ ହେଉଛି, ଯେଉଁଥରେ ନାୟକ ଓ ନାୟିକାଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ପ୍ରତିଛବି ପ୍ରତିଫଳିତ ହେଉଛି । ଭିଡିଓର ଶେଷଭାଗରେ ଏହି ଚଳଚ୍ଚିତ୍ରର ମୁକ୍ତିଲାଭ ଅବଧିକୁ ଘୋଷଣା କରାଯାଇଛି ଏବଂ ଏହା ଚଳିତ ବର୍ଷ ଓଡ଼ିଶାର ଗଣପର୍ବ ରଜ ଅବସରରେ ପ୍ରେକ୍ଷାଳୟକୁ ଆସିବ ବୋଲି ସ୍ପଷ୍ଟ ହୋଇଛି ।




## ମାଲାମାଲ ହେଲେ ଜାହ୍ନବୀ

ଦକ୍ଷିଣ ସୁପରଷ୍ଟାର ରାମ ଚରଣ ତାଙ୍କ ଆଗାମୀ ଫିଲ୍ମ ‘ପେଡ୍ଡି’ ପାଇଁ ଚର୍ଚ୍ଚାରେ ଅଛନ୍ତି। ଏହି ସ୍ପୋଟର୍ସ ଆକ୍ସନ-ଡ୍ରାମାରେ ସେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ସହ ନଜର ଆସିବେ। ଏହା ସେମାନଙ୍କର ପ୍ରଥମ ଫିଲ୍ମ। ଉଭୟଙ୍କ ଯୋଡିକୁ ଦେଖିବାକୁ ଦର୍ଶକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହି ଫିଲ୍ମଟି ଜୁନ ୪, ୨୦୨୬ରେ ସିନେମା ହଲରେ ରିଲିଜ ହେବାର ଯୋଜନା ରହିଛି।‘ପେଡ୍ଡି’ର ବଜେଟ ୩୦୦ କୋଟି। ରାମଚରଣ ଫିଲ୍ମ ନିର୍ମାତାଙ୍କଠାରୁ ୧୦୦ କୋଟି ଟଙ୍କା ନେଇଛନ୍ତି। ଏହା ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ସର୍ବାଧିକ ଫିସ। ପୂର୍ବରୁ ସେ ବ୍ଲକବଷ୍ଟର ଫିଲ୍ମ ‘RRR’ ପାଇଁ ୪୦ କୋଟି ନେଇଥିଲେ। ଜାହ୍ନବୀ ମଧ୍ୟ ଏହି ଫିଲ୍ମରେ ଏକ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି, ଯାହା ପାଇଁ ସେ ୬ କୋଟି ଟଙ୍କା ପାଇଛନ୍ତି। ଏହି ଫିଲ୍ମ ପାଇଁ ଜାହ୍ନବୀ ବହୁତ ପରିଶ୍ରମ କରିଛନ୍ତି। ଅଭିନେତା ଦିବ୍ୟେନ୍ଦୁ ଶର୍ମା ‘ପେଡ୍ଡି’ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ସେ ରାମବୁଜ୍ଜୀଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ଏହି ଭୂମିକା ପାଇଁ ତାଙ୍କୁ ୭ କୋଟି ପାରିଶ୍ରମିକ ଦିଆଯାଉଛି। ଜଗତପତି ବାବୁ ହେଉଛନ୍ତି ଫିଲ୍ମର ଆଉ ଜଣେ ପ୍ରମୁଖ ସଦସ୍ୟ। ଦର୍ଶକମାନେ ତାଙ୍କୁ ଏହି ସ୍ପୋଟର୍ସ ଆକ୍ସନ-ଡ୍ରାମାରେ ଏକ ସ୍ୱତନ୍ତ୍ର ଅବତାରରେ ଦେଖିବାକୁ ପାଇବେ। ଏହି ଫିଲ୍ମରେ ତାଙ୍କ କାମ ପାଇଁ ସେ ୪ କୋଟି ପାଇଛନ୍ତି।



## ବଲିଉଡ୍‌ରେ ଭୋଜପୁରୀ ଗର୍ଲ



ଅକ୍ଷୟ କୁମାରଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର ‘ୱେଲ୍‌କମ୍ ଟୁ ଦି ଜଙ୍ଗଲ୍’ର ଏକ ନୂଆ ଗୀତ ଏବେ ଚହଳ ପକାଇଛି। ‘ଘିସ୍ ଘିସ୍ ଘିସ୍’ ଶୀର୍ଷକ ଗୀତରେ ବଲିଉଡ୍‌ର ଖିଲାଡ଼ୀ କୁମାରଙ୍କ ସହିତ ଭୋଜପୁରୀ ଶିଳ୍ପର ପ୍ରସିଦ୍ଧ ତାରକା ଅକ୍ଷରା ସିଂହଙ୍କୁ ଏକାଠି ଦେଖିବାକୁ ମିଳିଛି। ଭୋଜପୁରୀ ସଂଗୀତର ତାଳେ ତାଳେ ଉଭୟ ଚମକପ୍ରଦ ନୃତ୍ୟ କରିଛନ୍ତି। ଏହି ଗୀତର ଭିଡିଓ ମୁକ୍ତିଲାଭ କରିବା ପରେ ଅକ୍ଷରା ବଲିଉଡ୍‌ରେ ବିହାରର ପ୍ରତିନିଧିତ୍ୱ କରିଥିବା ଯୋଗୁଁ ଗର୍ବିତ ବୋଲି ପ୍ରକାଶ କରିଛନ୍ତି। ସେ କହିଛନ୍ତି, “ମୁଁ ଜଣେ ବିହାରୀ ହୋଇ ଅକ୍ଷୟ କୁମାରଙ୍କ ସହିତ ଏଭଳି ଏକ ବଡ଼ ମଞ୍ଚରେ କାମ କରିବାର ସୁଯୋଗ ପାଇଲି। ‘ୱେଲ୍‌କମ୍ ଟୁ ଦି ଜଙ୍ଗଲ୍’ର ଦକ୍ଷ ଅଭିନେତାମାନଙ୍କ ସହିତ ନୃତ୍ୟାଭିନୟ କରିବା ମୋ ପାଇଁ ସୌଭାଗ୍ୟର କଥା। ବିହାରର ଲୋକଙ୍କ ଭଲପାଇବା ଓ ଆଶୀର୍ବାଦ ଯୋଗୁଁ ମୁଁ ଆଜି ଏଠି ପହଞ୍ଚିପାରିଛି।” ଏହା ନିଶ୍ଚିତ ଭାବେ ଅକ୍ଷରାଙ୍କ କ୍ୟାରିଅର୍‌ର ଏକ ବଡ଼ ସଫଳତା। ଭୋଜପୁରୀ ଶିଳ୍ପକୁ ନ୍ୟୂନ ଦୃଷ୍ଟିରେ ଦେଖାଯାଉଥିବା ବେଳେ ଅକ୍ଷୟଙ୍କ ପରି ବଡ଼ ତାରକାଙ୍କ ସହିତ ସେ ବଲିଉଡ୍‌ରେ ପଦାର୍ପଣ କରିଛନ୍ତି।

## ‘ମୋହନ ଗିରି’କୁ ନେଇ ଆଶାବାଦୀ ଅର୍ଲିନ୍

ଏଥିରେ ଦୁଇ ଜଣ ନାୟିକା ଅଛନ୍ତି। ଏମାନେ ହେଲେ ଅର୍ଲିନ୍ ଅଙ୍କିତା ଓ ହିରଣ୍ୟମୟୀ। ଆଉ ‘ମୋହନଗିରି’ ରେ ଅର୍ଲିନ୍ ଅଙ୍କିତା ମୁଖ୍ୟ ନାୟିକା ଅଛନ୍ତି, ଆଉ ହିରଣ୍ୟମୟୀ ଅଛନ୍ତି ସେକେଣ୍ଡ ଲିଡ୍‌ରେ । ହିରଣ୍ୟମୟୀଙ୍କ ଅଭିନୀତ ଓଡ଼ିଆ ଛବି ‘ଦର୍ପଣ’ ୨୦୨୫ରେ ମୁକ୍ତିଲାଭ କରିଥିଲା। ଏଥିରେ ତାଙ୍କୁ ଭାରତ ପୁଷ୍ପରାଗଙ୍କ ବିପକ୍ଷରେ ଦେଖିବାକୁ ପାଇଥିଲେ ଦର୍ଶକ। ଏଣେ ତାଙ୍କୁ ଖୁବ୍‌ଶୀଘ୍ର ଦର୍ଶକ ଆଉ କେତୋଟି ଓଡ଼ିଆ ଛବିରେ ଖୁବ୍‌ଶୀଘ୍ର ଦେଖିବାକୁ ମିଳିବ। ଏଥିମଧ୍ୟରୁ ଗୋଟିଏ ହେଲା ରିୟାଜ୍ ଖାନଙ୍କ ନିର୍ଦ୍ଦେଶିତ ‘ମୋହନ ଗିରି’ । ଏହି ସିନେମାରେ ସାର୍ଥକଙ୍କ ସହ ସେ ନଜର ଆସିବେ। ତେବେ ଏଥରେ ତାଙ୍କ ଭୂମିକାଟି ଅନ୍ୟ ନାୟିକାଙ୍କ ତୁଳନାରେ ଗୌଣ । ଠିକ୍ ଯେମିତି ‘ଦର୍ପଣ’ କ୍ଷେତ୍ରରେ ଘଟିଥିଲା, ‘ମୋହନଗିରି’ରେ ସମାନ କଥା ଘଟିଥିବା ଜଣାଯାଇଛି। ‘ଦର୍ପଣ’ରେ ତାଙ୍କର ସଂକ୍ଷିପ୍ତ ଭୂମିକା ଥିଲା। ତେବେ ସାର୍ଥକ ଓ ତାଙ୍କ ଉପରେ ଏକ ଗୀତ ମୋନାଲିଠାରେ ସୁଟିଂ କରାଯାଇଛି । ନଜର ଭୂମିକାକୁ ନେଇ ସନ୍ତୁଷ୍ଟ ହେବା ପରେ ସେ ଓଡ଼ିଆସ ଛବିରେ କାମ କରିନ୍ତି ।



## ପାଖେଇ ଆସୁଛି ପଞ୍ଚାୟତ ଭୋଟ

## ନୂଆ ନେତାଙ୍କୁ ନେଇ ବିଜେପିରେ ଟଣାଓଟରା

ଭୁବନେଶ୍ୱର,(ରାରି):ସବୁଠି ନୂଆ- ପୁରୁଣା ବିବାଦ। ପୁରୁଣା ଆଶା ବାନ୍ଧି ବସିଥିଲେ । ହଠାତ୍ ପଲପଲ ହୋଇ ନୂଆ ମାଡ଼ି ଆସୁଛନ୍ତି । ସଭିଙ୍କ ନଜର କ୍ଷମତା ଆସନ ଉପରେ । ଏହାକୁ ନେଇ ରାଜ୍ୟ ସ୍ତରରୁ ତୃଣମୂଳ ଯାଏଁ ନୂଆ-ପୁରୁଣା ନେତା, କର୍ମୀଙ୍କ ଭିତରେ ଛକାପଞ୍ଝା ତେଜିଛି । ଯେବେଠୁ ବିଜେପି କ୍ଷମତାକୁ ଆସିଛି, ସେବେଠୁ ପଦ୍ମ ଦଳ ସଭିଙ୍କ ଫେଭରାଇଟ । ଉପରୁ ତଳ ସ୍ତର ଯାଏଁ ବିଜେଡି ଓ କଂଗ୍ରେସର ବହୁ ନେତା, କର୍ମୀ ବିଜେପି ମୁହାଁ। ବିଜେଡି କ୍ଷମତାରୁ ହଟିବା ପରେ ପରେ ଦଳର ୨ ରାଜ୍ୟସଭା ସାଂସଦ ବିଜେପିକୁ ପଳାଇଥିଲେ । ଏବେ ଦେବାଶିଷ ସାମନ୍ତରାୟ ବି ରାଜ୍ୟସଭା ପଦ ସହ ବିଜେଡି ଛାଡ଼ି ବିଜେପିରେ ମିଶିଛନ୍ତି । ନିକଟରେ ଶେଷ ହୋଇଥିବା ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ବିଧାୟକ କ୍ରସ ଭୋଟିଂ କଲେ । ସେଥିରୁ ଅଧିକାଂଶ ବିଜେପି ଯୋଗାଯୋଗରେ। କେବଳ ବିଧାୟକ ପଦ ରଦ୍ଦ ହୋଇଯିବା ଭୟରେ ଏଯାଏଁ ମିଶିପାରିନାହାନ୍ତି । ବହୁ ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ ବି ବିଜେପିରେ ସାମିଲ ହେଲେଣି । ତୃଣମୂଳ ସ୍ତରରେ ବିଜେପିରେ ମିଶିବାକୁ ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ଭିତରେ ଯେମିତି ପ୍ରତିଯୋଗିତା ଚାଲିଛି। ସରକାର ବଦଳିବା ପରେ ଏବେ ସୁଦ୍ଧା ପ୍ରାୟ ୧୮ଟି ବ୍ଲକ ବିଜେଡିରୁ ହାତରୁ ବିଜେପିକୁ ପଳାଇଲାଣି । ଏହାକୁ ନେଇ ବିଭିନ୍ନ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ରାଜନୀତିରେ ଟଣାଓଟରା ବଢ଼ିଲାଣି। ବାଲେଶ୍ୱରରେ ରବୀନ୍ଦ୍ର ଜେନାଙ୍କ ମିଶ୍ରଣକୁ ଏଯାଏଁ ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସମର୍ଥକ ହଜମ କରିପାରୁନାହାନ୍ତି। ରବୀନ୍ଦ୍ର ନିଜ ସାଥୀରେ ଆଣିଥିବା ସମର୍ଥକଙ୍କ ପତିଆରା ବୃଦ୍ଧି ପାଇଁ ଲାଗିଥିବାବେଳେ ପ୍ରତାପଙ୍କ ସମର୍ଥକ ଏଥିରେ ବାଧକ ହେଉଛନ୍ତି।ସେହିପରି ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ ଏବଂ ରବୀନ୍ଦ୍ରଙ୍କ ଗୋଷ୍ଠୀ ମଧ୍ୟ ପୃଥକ ପୃଥକ ବାଟରେ ଚାଲୁଛନ୍ତି। ସିମୁଳିଆରେ ଶଶୀ ସାହୁ ୨ ମାସ ହେବ ବିଜେଡି ଛାଡ଼ି ବିଜେପିକୁ ଯିବା ପାଇଁ ପାଦ ଟେକି ଅପେକ୍ଷା କରିଥିବାବେଳେ ବିଧାୟକ ପଦ୍ମଲୋଚନ ପଣ୍ଡା ତାଙ୍କ ବାଟ ଉଗାଳି ବସିଥିବା ଚର୍ଚ୍ଚା ହେଉଛି । ଭୁବନେଶ୍ୱର ଜୟଦେବ ନିର୍ବାଚନମଣ୍ଡଳୀରେ ବି ଏମିତି ଅଡୁଆ ସ୍ଥିତି । ରାଜ୍ୟସଭା କ୍ରସ ଭୋଟିଂ ନେଇ ବିଧାୟକ ନବକିଶୋର ମଲ୍ଲିକ ବିଜେଡିରୁ ନିଲମ୍ବିତ ହୋଇଛନ୍ତି । ନବ ଓ ତାଙ୍କ ସମର୍ଥକ ଗୋଷ୍ଠୀ ବିଜେପି ଆଡ଼କୁ ଢଳୁଥିଲେ ମଧ୍ୟ ପୁରୁଣା ବିଜେପି ଗୋଷ୍ଠୀ ଏଥିରେ ବାଧକ ସାଜିଛନ୍ତି । ଏମିତିକି ସାଂସଦଙ୍କ କାର୍ଯ୍ୟକ୍ରମରେ ବି ବିଧାୟକଙ୍କୁ ନିକଟରେ ଦେଖିବାକୁ ମିଳିଲାନି। ସେହିପରି ଅରବିନ୍ଦ ଢାଲି ମଧ୍ୟ ବିଜେଡିର ଏହା ପ୍ରଭାବଶାଳୀ ଗୋଷ୍ଠୀର ବିଜେପିରେ ପ୍ରବେଶ ରୋକିବା ପାଇଁ ଲାଗି ପଡ଼ିଥିବା କୁହାଯାଉଛି । ଚୌଦ୍ୱାର କଟକରେ ବି ବିଜେପିରେ ନୂଆ- ପୁରୁଣା ବିବାଦ ଦେଖା ଦେଲାଣି । ବିଜେଡିରୁ ପ୍ରଭାତ ବିଶ୍ୱାଳ ବିଦା ହେବା, ତାଙ୍କ ପୁଅ ବିଧାୟକ ସୌଭିକ ବିଶ୍ୱାଳଙ୍କ ନିଲମ୍ବନ ପରେ ବିଶ୍ୱାଳ ପରିବାର ବିଜେପିକୁ ଯିବା ଚର୍ଚ୍ଚା ଜୋର ଧରିଛି । ପ୍ରଭାତ ମଧ୍ୟ ସେଇ ଦିଗରେ ଆଗେଇ ଥିବା ଜଣାପଡୁଛି । ମାତ୍ର ବିଜେପିର ଭେଟେରାନ ନୟନ ମହାନ୍ତିଙ୍କ ଗୋଷ୍ଠୀ ପ୍ରଭାତଙ୍କୁ ସବୁଜ ସଙ୍କେତ ଦେଖାଉ ନାହାନ୍ତି । ନୟନ ଯଦି ନିଗମ କିମ୍ବା ବୋର୍ଡରେ ଥଇଥାନ ହୁଅନ୍ତି, ତେବେ ହୁଏତ ପ୍ରଭାତଙ୍କ ପାଇଁ ପଦ୍ମ କବାଟ ସହଜରେ ଖୋଲିପାରେ ।କେନ୍ଦୁଝରରେ ବି ଏମିତି ବି ନୂଆ-ପୁରୁଣା ବିବାଦ ରହିଛି । ସମସ୍ତ ୩୦ ଜିଲ୍ଲାରେ ଜିଲ୍ଲା ପରିଷଦ ସଭାପତି ବିଜେଡିର ଥିଲେ ।ପଞ୍ଚାୟତ ନିର୍ବାଚନକୁ ଆଉ ବେଶି ଡେରି ନାହିଁ । ୨୦୨୭ ଫେବୃଆରୀ ସୁଦ୍ଧା ନିର୍ବାଚନ ହେବ । ଏବେଠାରୁ ଗାଁ ରାଜନୀତି ମୋଡ଼ ନେଲାଣି । କାଲି ଯାଏଁ ଯେଉଁଠି ବିଜେଡି ଗଡ଼ ଥିଲା, ସେଇଠି ବିଜେପି ପତାକା ଉଡ଼ିଲାଣି । ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ବଳରେ ଜିତିଥିବା ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ ଅଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦ ସଭ୍ୟମାନେ ବର୍ତ୍ତମାନ ଶାସକ ଦଳ ଆଡ଼କୁ ଢଳୁଛନ୍ତି । ହେଲେ ମୂଳ ବିଜେପି ନେତା, କର୍ମୀମାନେ ସହଜରେ ସେମାନଙ୍କୁ ପ୍ରବେଶ କରାଇ ଦେବାକୁ ଚାହୁଁଛନ୍ତି । କାଳେ ନିଜ ପତ୍ତା କଟିଯିବ, ସେଇ ଡର ସଭିଙ୍କୁ ଘାରିଛି । ବର୍ଷ ବର୍ଷ ଧରି ଯାହା ସହ ଲଢ଼ିଥିଲେ, ସେମାନଙ୍କୁ ପୁଣି କ୍ଷମତାସୀନ କରାଇବାକୁ ଦଳର ପୁରୁଣା କର୍ମୀ ରାଜି ନୁହନ୍ତି ।



## ଜୁଲାଇ ସୁଦ୍ଧା ଗାଁକୁ ଯିବେ ସଚିବ

### ଜିଲ୍ଲାରେ ରାତି ବିତାଇବେ, ଆହାର କେନ୍ଦ୍ରରେ ଖାଇବେ

ଭୁବନେଶ୍ୱର, (ରା.ରି) : ଜୁଲାଇ ଭିତରେ ଗାଁକୁ ଯିବେ ସଚିବ ଓ ବରିଷ୍ଠ ଅଧିକାରୀ ୨ରୁ ୩ ଦିନ ପାଇଁ ଜିଲ୍ଲାରେ ରହି ସେଠାରେ ଥିବା ଗାଁ ଓ ବ୍ଲକ୍ ବୁଲିବେ। ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ଟିକିନିଖି ସମୀକ୍ଷା କରିବେ। ସ୍କୁଲ ଓ ହସ୍ପିଟାଲ ଯାଇ ସ୍ଥିତି ପରଖିବେ । ଆଦିବାସୀ ଛାତ୍ରାବାସ, ଅନାଥାଶ୍ରମ ବା ଆହାର କେନ୍ଦ୍ରରେ ମଧ୍ୟାହ୍ନ ଭୋଜନ ଖାଇ ମାନ ଯାଞ୍ଚ କରିବେ । ଦୁର୍ଗମ ଅଞ୍ଚଳକୁ ପାଦରେ ଚାଲି ଚାଲି ଯାଇ ପ୍ରାଚୀନ ଜନଜାତିଙ୍କ ସହ କଥା ହୋଇ ସମସ୍ୟା ଶୁଣିବେ । ପ୍ରତି ତିନି ମାସରେ ଥରେ ଏଭଳି ଗସ୍ତ କରିବା ସହ ଏହାର ବିବରଣୀ ସରକାରଙ୍କୁ ଦେବେ । ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ସବୁ ବିଭାଗୀୟ ସଚିବଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ।

ମେ ମାସରୁ ଜୁଲାଇ ମାସ ଭିତରେ ଏହି ଜିଲ୍ଲା ଗସ୍ତ ସାରିବାକୁ କୁହାଯାଇଛି । କେଉଁ ସଚିବ ବା ବରିଷ୍ଠ ଅଧିକାରୀ କେଉଁ ଜିଲ୍ଲାକୁ ଯିବେ, ତାହାର ଦାୟିତ୍ୱ ବଣ୍ଟାଯାଇଛି । ଜିଲ୍ଲା ପରିଦର୍ଶନ ସମୟରେ ସେମାନେ ଗୋପବନ୍ଧୁ



ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ, ଅନ୍ତୋଦୟ, ଆବାସ, ମଧୁ ବାବୁ ପେନସନ, ଗ୍ରାମୀଣ ଶିଳ୍ପ ପାର୍କ, ପାଇପ୍ ଜଳଯୋଗାଣ, ସେତୁ ବନ୍ଧନ, ପଞ୍ଚସଖା ଶିକ୍ଷା ସେତୁ, ପିଏମଶ୍ରୀ, ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି, ସୁଭଦ୍ରା ଭଳି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ଓ କାର୍ଯ୍ୟକାରିତାରେ କଣ ସମସ୍ୟା ରହୁଛି, ତାର ବିସ୍ତୃତ ସମୀକ୍ଷା କରିବେ। ସଚିବ ଓ ବରିଷ୍ଠ ଅଧିକାରୀମାନେ ନିଜ ଇଚ୍ଛା ଅନୁସାରେ ଜିଲ୍ଲାର ଯେ କୌଣସି ଅଞ୍ଚଳକୁ ଯାଇପାରିବେ । ଜିଲ୍ଲାର ଯେ କୌଣସି ପଞ୍ଚାୟତକୁ ଯାଇ ସେଠାରେ ଯୋଜନର କାର୍ଯ୍ୟକାରିତାକୁ ଯାଞ୍ଚ କରିବେ । ଜିଲ୍ଲାର ଯେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସହ କଥା ହୋଇ ସମସ୍ୟା ବୁଝିବାକୁ କୁହାଯାଇଛି । ଚିକିତ୍ସା ସେବା ଏବଂ ଔଷଧ ଠିକ୍ରେ ମିଳୁଛି କି ନା, ତାହା ମଧ୍ୟ ପରଖିବେ । ପିଇବା ପାଣି ପ୍ରକଳ୍ପର ଅଗ୍ରଗତି ମଧ୍ୟ ସମୀକ୍ଷା କରିବାକୁ କୁହାଯାଇଛି । କେଉଁ ଜାଗାରେ ଘରୋଇ ଟ୍ୟାପ ସଂଯୋଗ ହୋଇନି ଓ କେଉଁଠି ଗ୍ରୀଷ୍ମ ଋତୁରେ ପିଇବା ପାଣି ସମସ୍ୟା ଅଛି, ତାକୁ ମଧ୍ୟ ଯାଞ୍ଚ କରିବେ।

## ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, (ରାରି):ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି ।ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ ) ନିଜ ନିଜ ଅଞ୍ଚଳରେ ଘରକୁ ଘର ବୁଲି ଭୋଟରମାନଙ୍କ ତଥ୍ୟ ଯାଞ୍ଚ କରୁଛନ୍ତି ।ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ସ୍ୱତନ୍ତ୍ର ପରିଗଣନା ଫର୍ମ ବଣ୍ଟନ କରାଯାଉଛି ।ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଭୋଟର କାର୍ଡରେ ଥିବା ତ୍ରୁଟି ସଂଶୋଧନ ପାଇଁ ଏହି ସଘନ ଅଭିଯାନ ଜାରି ରହିଛି ।ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-III) ଯୋଗାଇ ଦିଆଯାଉଛି । ପ୍ରଥମ ଦିନରେ ୨ଲକ୍ଷ ୫୯ହଜାର ୧୬୬



ଜଣ ଭୋଟର ଙ୍କୁ ବିଏଲଓ ମାନଙ୍କ ଦ୍ୱାରା ପରିଗଣନା ଫର୍ମ ବଣ୍ଟନ କରାଯାଇଛି । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରାଯାଉଛି,ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ ।ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ୩୩ହଜାର୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି । ବିଜେପିରୁ ସର୍ବାଧିକ ୧୯ ହଜାର ୩୮୦, ବିଜେଡି ୮ ହଜାର ୮୮୧, କଂଗ୍ରେସ ୪ ହଜାର ୬୫୮, ସିପିଆଇଏମ୍ ୬୦, ବିଏସ୍‌ପି ପକ୍ଷରୁ ୪୭ ଜଣ ବି ଏଲଏ ନିଯୁକ୍ତ ହୋଇଛନ୍ତି।ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ (voters.eci.gov.in) ରେ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ବିଏଲଓମାନଙ୍କୁ ଫର୍ମ ପ୍ରଦାନ କରିପାରିବେ ।ଏହି ସଂଶୋଧନ ପ୍ରକ୍ରିୟା ଦ୍ୱାରା ରାଜ୍ୟରେ ଏକ ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତ କରାଯାଇପାରିବ। ସର୍ଭେ ସମୟରେ ସମସ୍ତ ଭୋଟର ବିଏଲଓ ମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ରାଜ୍ୟପାଳଙ୍କ ପ୍ରଥମ ମହିଳା ଏଡିସି ଭାବେ ଆଇପିଏସ୍ ଅଫିସର ଅନନ୍ୟା ଅୱସ୍ତି ନିଯୁକ୍ତ

ଭୁବନେଶ୍ୱର, (ରାରି):ଓଡିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆଇପିଏସ୍ ଅଧିକାରୀ ଅନନ୍ୟା ଅୱସ୍ତିଙ୍କୁ ରାଜ୍ୟପାଳଙ୍କ ଏଡିସି (ପୋଲିସ) ଭାବେ ନିଯୁକ୍ତି ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଅନନ୍ୟା ଅୱସ୍ତି ଓଡିଶା ରାଜ୍ୟପାଳଙ୍କ ସମ୍ମାନଜନକ ଏଡିସି ପଦବୀରେ ନିଯୁକ୍ତ ହେବାରେ ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ ।ରବିବାର ଲୋକଭବନରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଅନନ୍ୟା ଅୱସ୍ତିଙ୍କୁ ନୂତନ ପୋଲିସ ଏଡିସି ଭାବରେ ସ୍ୱାଗତ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ନିଯୁକ୍ତି ପୂର୍ବରୁ, ଅନନ୍ୟା ଅୱସ୍ତି କଟକର ଯୁପିଡିର ଆସିଷ୍ଟାଣ୍ଟ ପୋଲିସ କମିଶନର (ଏସିପି) ଭାବରେ କାର୍ଯ୍ୟରତ ଥିଲେ।



ଓଡିଶାର ରାଜ୍ୟପାଳଙ୍କ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ଭାବରେ ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।ଅନନ୍ୟା ଅୱସ୍ତି ଆଇପିଏସ୍ ଅଧିକାରୀ କୁଲଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି ।ରାଜ୍ୟପାଳଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ, ଆନୁଷ୍ଠାନିକ ସମାରୋହ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ-ସମ୍ବନ୍ଧୀୟ କର୍ତ୍ତବ୍ୟ ନିର୍ବାହ ସମୟରେ ରାଜ୍ୟପାଳଙ୍କୁ ସହାୟତା କରିବାରେ ଏଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଦୁଇଜଣ ଏଡ଼ିସିଙ୍କ ମଧ୍ୟରେ ଜଣେ ଭାରତୀୟ ନୌସେନାର ଏବଂ ଅନ୍ୟ ଜଣେ ପୋଲିସ ଅଧିକାରୀ ଅଟନ୍ତି ।ଅନନ୍ୟା ଅୱସ୍ତି ପୋଲିସ ଏଡିସି ଭାବରେ କାର୍ଯ୍ୟ କରିବେ ଏବଂ ଭାରତୀୟ ନୌସେନାର ଲେଫ୍ଟନାଣ୍ଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ନୌସେନା ଏଡିସି ଭାବରେ କାର୍ଯ୍ୟରତ ଅଛନ୍ତି ।

Owner, Editor and Published by SUSANTA KUMAR DASH and Printed by Sudir Kumar panda, Printed at NIJUKTI KHABAR PRAKASHAN, TS 3/193, Mancheswar Industrial Estate, Bhbaneswar-751010, Odisha and Published at- FLAT NO-C/208, KRVC, AT/PO-BANKUAL, BARGADA BRIT COLONY, BHUBANESWAR, KHORDHA, ODISHA-751002, Phone-9439311119,(W)7008961303

EDITOR: SUSANTA KUMAR DASH

Email Id-reporterrajdhani@gmail.com

ସମ୍ପାଦକ: ସୁଶାନ୍ତ କୁମାର ଦାଶ